
# ସଉରା



**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ**

**ଭୁବନେଶ୍ୱର, ଓଡ଼ିଶା**

**୨୦୧୨**

# ଅଗ୍ରଲେଖ

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ଓଡ଼ିଶାରେ ଥିବା ୧୩ ଗୋଟି ଆଦିମ ଜନଜାତିଙ୍କ ଉପରେ ଇଂରାଜୀ ଭାଷାରେ "Photo Hand Books of PTGs of Odisha" ନାମରେ ୧୩ ଗୋଟି ପୁସ୍ତିକା ଏବଂ ସେମାନଙ୍କ ଏକ ପରିଚୟାତ୍ମକ ପୁସ୍ତିକା, ଏହିପରି ମୋଟ ୧୪ ଗୋଟି ପୁସ୍ତିକା ପ୍ରକାଶ କରିଛନ୍ତି । ଜନଜାତିଙ୍କ ଉପରେ ରଚି ରଖୁଥିବା ଗବେଷକ ତଥା ଜିଜ୍ଞାସୁ ବ୍ୟକ୍ତି ବିଶେଷଙ୍କ ପାଇଁ ଏହା ବିଶେଷ ଉପଯୋଗୀ ହେଉଥିଲେ ସୁଦ୍ଧା ଓଡ଼ିଆ ଭାଷାରେ ଏହା ଉପଲବ୍ଧ ହେଉନଥିବାରୁ ଓଡ଼ିଆ ଭାଷାଭାଷୀଙ୍କ ନିକଟରେ ଏହା ଅନାଦୃତ ହୋଇ ରହିଯାଇଥିଲା । ଓଡ଼ିଶାର ଆଦିମ ଜନଜାତିଙ୍କ ସଂପର୍କରେ ଚିତ୍ର ଆଧାରିତ ପରିଚୟାତ୍ମକ ପୁସ୍ତିକାଟିଏ ଖୋଲିଲେ ସର୍ବସାଧାରଣଙ୍କୁ ଇଂରାଜୀ ଭାଷାରେ ପ୍ରକାଶିତ ପୁସ୍ତିକା ଉପରେ ନିର୍ଭର କରିବାକୁ ପଡୁଥିଲା । ଏହାକୁ ଆଖି ଆଗରେ ରଖି ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଏହି ପୁସ୍ତିକା ଗୁଡିକର ଅନୁସୃଜନ କାର୍ଯ୍ୟ ହାତକୁ ନେଇ ତାହାକୁ ପ୍ରକାଶ କରିଛନ୍ତି । ଉପରୋକ୍ତ ବିଷୟକୁ ସର୍ବସାଧାରଣରେ ଉପସ୍ଥାପିତ କରିବା ପାଇଁ ଆଦିମ ଜନଜାତିଙ୍କ ସାମାଜିକ - ସାଂସ୍କୃତିକ - ଅର୍ଥନୈତିକ ବିକାଶ ଉପରେ ଚିତ୍ର ସମ୍ୱଳିତ ଏହି ଚିତ୍ରପୋଥୀ ପ୍ରକାଶ କରାଯାଇଛି । ଜନସାଧାରଣ, ଗବେଷକ, ସୁଧୀ ପାଠକଙ୍କ କାମକୁ ଏହା ଆସିପାରିଲେ ଓଡ଼ିଶାର ଜନଜାତିଙ୍କ ସାଂସ୍କୃତିକ ବୈଚିତ୍ର୍ୟକୁ ଆଲୋଚନା କରିବାର ସୁଯୋଗ ସୃଷ୍ଟି ହୋଇପାରିବ ।

ସନ୍ତୋଷ ଷଡ଼ଙ୍ଗୀ

**(ସନ୍ତୋଷ କୁମାର ଷଡ଼ଙ୍ଗୀ)**


କମିଶନର ତଥା ଶାସନ ସଚିବ

# ସଉରା




ମୂଳ ଇଂରାଜୀ :
ଅଖିଳ ବିହାରୀ ଓତା
ଶରତ ଚନ୍ଦ୍ର ମହାନ୍ତି

ଓଡ଼ିଆ ଅନୁସୃଜନ :
ଅଖିଳ ବିହାରୀ ଓତା
ପରମାନନ୍ଦ ପଟେଲ
ପ୍ରଦୀପ୍ତ କୁମାର ସାମଲ୍



# ସଉରା ପରିଚିତି

ସଉରା ବା ଶବରମାନେ ପୁରାଣ ପ୍ରସିଦ୍ଧ ପ୍ରାଚୀନ ଜନଜାତି । ଏମାନଙ୍କର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ରହିଛି । କେବଳ ସଂଖ୍ୟା ଦୃଷ୍ଟିରୁ ନୁହେଁ, ଐତିହାସିକ ଓ ସାଂସ୍କୃତିକ ଦୃଷ୍ଟିକୋଣରୁ ମଧ୍ୟ ସଉରାମାନଙ୍କ ମହାନତା ଓ ଗୁରୁତ୍ୱ ସାରା ଭାରତରେ ପ୍ରସାରିତ ହୋଇଛି । ହିନ୍ଦୁଶାସ୍ତ୍ର, ପୁରାଣ, ମହାପୁରାଣ, କାବ୍ୟ ତଥା ରଚନା ଆଦିରେ ସେମାନଙ୍କ ବିଷୟରେ ବହୁଳ ବର୍ଣ୍ଣନା ରହିଛି । ଜଗନ୍ନାଥ ସଂସ୍କୃତି ସହିତ ସେମାନେ ଓତଃପ୍ରୋତଃ ଭାବରେ ଜଡ଼ିତ । ପରଂପରା ଓ କିମ୍ବଦନ୍ତୀ ଅନୁସାରେ ଜଗନ୍ନାଥ ଶବରମାନଙ୍କର ମୂଳ ଦେବତା । ପରବର୍ତ୍ତୀ ପର୍ଯ୍ୟାୟରେ ରାଜାନୁଗ୍ରହ ଲାଭ କରି ଆଦିବାସୀ ଶବର ଦ୍ୱାରା ପୂଜିତ ଶବରୀ ନାରାୟଣ ପୁରୁଷୋତ୍ତମ କ୍ଷେତ୍ର ପୁରୀରେ ଶ୍ରୀଜଗନ୍ନାଥ ହିସାବରେ ରୂପାନ୍ତରିତ ହୋଇଯାଇଛନ୍ତି ।



ସଉରା, ଶବର, ସହର, ସଉର, ସରା ଆଦି ନାମରେ ଏହି ଜନଜାତି ଗୋଷ୍ଠୀ ପରିଚିତ । ଏମାନେ ପ୍ରୋଟୋ-ଅଷ୍ଟ୍ରୋଲଏଡ୍ ଗୋଷ୍ଠୀଭୁକ୍ତ କେନ୍ଦ୍ର ଓ ଦକ୍ଷିଣ ଭାରତର ଏକ ପ୍ରମୁଖ ଜନଜାତି ଗୋଷ୍ଠୀ । ଭାରତବର୍ଷର ଝାଡ଼ଖଣ୍ଡ, ଓଡ଼ିଶା, ଆନ୍ଧ୍ର, ଛତିଶଗଡ଼, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ତଥା ଆସାମର ବିସ୍ତୃତ ଅଂଚଳରେ ଏମାନେ ବାସ କରନ୍ତି ।








ମୂଳ ସଂସ୍କୃତ ଶବ୍ଦ ଶବରୋଇରୁ ଶବର ଶବ୍ଦର ଉତ୍ପତ୍ତି । ଶବରୋଇ ଅର୍ଥ ଶବ ବହନ କରିବା ବା ଶବକୁ କାନ୍ଧରେ ବୋହିବା । ଅନ୍ୟ ପକ୍ଷରେ ସାଗୋରିଇ୍ ଅର୍ଥ ଟାଙ୍ଗିଆ । ଶବରମାନଙ୍କ ଜୀବନ ଜୀବିକାର 'ଟାଙ୍ଗିଆ' ଓ 'ଶବ' ସହିତ ନିବିଡ଼ ସଂପର୍କ ରହିଛି । ଶିକାର କରିବା ଏମାନଙ୍କର ଆଦିମ ବୃତ୍ତି । ବଣ ଜଙ୍ଗଲରେ ପଶୁ ଶିକାର କରି କାନ୍ଧରେ ଟାଙ୍ଗିଆ ଓ ମୃତ ପଶୁକୁ ବହନ କରି ନିଜର ବାସସ୍ଥଳୀକୁ ଫେରୁଥିବା ଲକ୍ଷଣରୁ ଏହି ଶବ୍ଦର ପ୍ରଚଳନ ହୋଇଥିବା ମନେହୁଏ ।



ଏମାନେ 'ସରା' ଭାଷା କୁହନ୍ତି । ସରା ଭାଷା ଏକ ପୂର୍ଣ୍ଣାଙ୍ଗ ମାନ୍ୟତା ପ୍ରାପ୍ତ ଭାଷା ନୁହେଁ । ଏହି ଭାଷା ବ୍ୟବହାରରେ ଗ୍ରାମ ଓ ବ୍ୟକ୍ତି ଭେଦରେ ପ୍ରଭେଦ ପରିଲକ୍ଷିତ ହୁଏ । ଏହି ଭାଷାଟି ଅଷ୍ଟ୍ରିକ ଭାଷା ପରିବାର ଅନ୍ତର୍ଭୁକ୍ତ ମୁଣ୍ଡା ଗୋଷ୍ଠୀର । ଏହି ଭାଷା ବଡ଼ ସରସ ସୁନ୍ଦର ଓ କାବ୍ୟିକ । ଇଂରେଜ ଗବେଷକ ଭେରିଅର ଏଲ୍‌ୱିନ୍ କୁହନ୍ତି - ସଉରାର ଭାଷା ଓ ତା'ର ଅଭିବ୍ୟକ୍ତି ଗଦ୍ୟାତ୍ମକ ନ ହୋଇ କାବ୍ୟିକ, ଛବିଳ ଓ ଉପମା, ଅଳଂକାର ଯୁକ୍ତ ହୋଇଥାଏ । ନିକଟ ଅତୀତରେ ଏହି ଭାଷାର ଲିପି ମଙ୍ଗେର ଗମାଙ୍ଗ କର୍ତ୍ତୃକ ବିକଶିତ ହୋଇଛି ।





୨୦୦୧ ଜନଗଣନା ଅନୁସାରେ ଏମାନଙ୍କର ସଂଖ୍ୟା ଚାରିଲକ୍ଷ ତେସ୍ତରୀ ହଜାର ଦୁଇଶହ ତେତିଶ (୪,୭.୨୩୩) । ରାଜ୍ୟର ସମୁଦାୟ ଜନଜାତି ଜନସଂଖ୍ୟାର ଏହା ୫.୮୧ ଭାଗ । ସେମାନଙ୍କ ଜନସଂଖ୍ୟାର ଦଶବର୍ଷୀୟ ଅଭିବୃଦ୍ଧି ହାର (୧୯୯୧-୨୦୦୧) ୧୭.୨୮, ଲିଙ୍ଗ ଅନୁପାତ ପ୍ରତି ହଜାର ପୁରୁଷରେ ୧୦୦୭ ମହିଳା । ସଉରା ମାନଙ୍କ ମଧ୍ୟରେ ଶିକ୍ଷା ବିକାଶ ଉଲ୍ଲେଖନୀୟ ଭାବରେ ହୋଇପାରିନାହିଁ । ୨୦୦୧ ଜନଗଣନା ଅନୁସାରେ ସେମାନଙ୍କ ସାକ୍ଷରତା ହାର ମାତ୍ର ୪୧.୧୩ ଭାଗ ।










ପ୍ରାକ୍ ଦ୍ରାବିଡ଼ୀୟ ଜନଜାତିର ଚେହେରା ସହିତ ସଉରା ମାନଙ୍କ ଶାରୀରିକ ସାମଞ୍ଜସ୍ୟ ରହିଛି । ସେମାନଙ୍କର ଲମ୍ବାଳିଆ ମୁଣ୍ଡ ଓ ଚେପ୍ଟା ନାକ । ଆଖିପତା ଚଉଡା ହେଲେ ବି କନ୍ଧମାନଙ୍କ ପରି ନୁହେଁ । ସେମାନଙ୍କ ନାକ ମୂଳ ଖାଲୁଆ । ମୁଖମଣ୍ଡଳ ସୁଗଠିତ । ମୁଣ୍ଡର ବାଳ ସାଧାରଣତଃ କୁଞ୍ଚୁକୁଞ୍ଚିଆ । କେତେକଙ୍କ ଆଖିରେ ଭାଙ୍ଗ ପଡ଼ିବା ଭଳି ଚିହ୍ନ ଦେଖାଯାଏ । ଚର୍ମର ରଙ୍ଗ ଧୂସର ଓ କୃଷ୍ଣଧୂସର । କେତେକଙ୍କ ବର୍ଣ୍ଣ ସଫା ଓ ଈଷତ୍ ହଳଦିଆ । ସଉରାମାନଙ୍କର ଶାରୀରିକ ଗଠନ କନ୍ଧମାନଙ୍କ ପରି ସୁଦୃଢ଼ ନ ହେଲେ



ମଧ୍ୟ ଉତ୍ତର ଓଡ଼ିଶାରେ ବସବାସ କରୁଥିବା ଜନଜାତିଙ୍କ ତୁଳନାରେ ଏମାନଙ୍କର ଶରୀର ପୁଷ୍ଟ । ପାହାଡ଼ ପଥରେ ଚାଲିବା ଓ ଗଛ ଚଢ଼ିବାରେ ଏମାନଙ୍କର ସ୍ୱତନ୍ତ୍ର ଦକ୍ଷତା ରହିଛି ।

ସଉରା ମାନଙ୍କର ପୋଷାକ ପରିଚ୍ଛଦ ଓ ପରିଧାନ ଶୈଳୀ ସ୍ୱତନ୍ତ୍ର । ପ୍ରାୟ ଛଅଫୁଟ ଲମ୍ବ ଓ ଦଶ ଇଞ୍ଚ ଚଉଡା ବିଶିଷ୍ଟ କପଡ଼ା, ଲୁଗା ବା ଧୋତିକୁ ଅଣ୍ଟା ଚାରି କଡ଼ରେ ଗୁଡ଼ାଇ ବାଗରେ ପିନ୍ଧନ୍ତି । ପିନ୍ଧାବସ୍ତ୍ରର ଗୋଟିଏ ଶେଷମୁଣ୍ଡ ସୁନ୍ଦର ଭାବରେ ଭାଙ୍ଗ ପଡ଼ି ଆଗକୁ ଯେତିକି ଓହଳି ଥାଏ ପଛପଟକୁ ତା'ଠାରୁ ଅଧିକ ଲମ୍ବର ଓହଳି ଥାଏ । ବସ୍ତ୍ରର ଶେଷ ଦୁଇମୁଣ୍ଡରେ ନାଲି ରଙ୍ଗର ସୂକ୍ଷ୍ମ କମକୁଟ ହୋଇଥାଏ ଅଥବା ସାଦାଥାଏ । କେବେକେବେ ପୁରୁଷମାନେ ବେକରେ କାଚମାଳି ପିନ୍ଧୁଥିବାର ଦେଖାଯାଏ ।




ସଉରା ମହିଳାମାନଙ୍କର ପାରଂପରିକ ପୋଷାକ ବା ଶାଢ଼ୀରେ ଧୂସର ରଙ୍ଗର ଧଡ଼ିଥାଏ । ଏହା ପ୍ରାୟ ଆଣ୍ଠୁ ଯାଏ ପଡ଼େ । ସେମାନଙ୍କ ପରିଧେୟ ଘାଗରାର ଲମ୍ବ ତିନିଫୁଟ ଓ ଓସାର ଦୁଇଫୁଟ । ଶୀତୁଆ ବା କୋହଲିଆ ଥଣ୍ଡା ପାଗରେ ସଉରା ମହିଳାମାନେ ଶରୀରର ଉପର ଅଂଶକୁ ଆଉ ଖଣ୍ଡେ ଘୋଡ଼ିହେବା ବସ୍ତ୍ରରେ ଆବୃତ କରିଥାନ୍ତି । ସଉରାମାନଙ୍କ ହାତକଟା ସୂତାରେ ଡ଼ମ୍ବମାନେ ଲୁଗା ବୁଣିଥାନ୍ତି । ସେମାନେ କାଚମାଳି, ପତଳା ଗୋଲାକାର କାଷ୍ଠ ନିର୍ମିତ କର୍ଣ୍ଣ ଅଳଂକାର, ପିଉଳର କର୍ଣ୍ଣ କୁଣ୍ଡଳୀ, ହାତ, ଗୋଡ଼ ଓ ନାକରେ ଆଲୁମିନିୟମ୍ ରିଙ୍ଗ୍ ଆଦି ଅଳଙ୍କାର ପିନ୍ଧନ୍ତି । ଆଜିକାଲି ସଉରା ପୁରୁଷମାନେ ଧୋତୀ, ସାର୍ଟ, ଗଞ୍ଜି, ପ୍ୟାଣ୍ଟ ତଥା ମହିଳାମାନେ ଶାଢ଼ୀ, ବ୍ଲାଉଜ, ଶାୟା ଆଦି ପିନ୍ଧୁଛନ୍ତି ।











# ବସତି ଓ ଗୃହନିର୍ମାଣ



ସଉରାମାନଙ୍କର ଗାଁଗୁଡ଼ିକ ପାହାଡ଼, ପର୍ବତ ଓ ଜଙ୍ଗଲ ଅଭ୍ୟନ୍ତରସ୍ଥ ଅପହଞ୍ଚ ଇଲାକାରେ ରହିଥାଏ । ସରୁ ଓ ସର୍ପିଳ ପାଦଚଲା ପାହାଡି ପଥ ଅତିକ୍ରମ କରି କଷ୍ଟରେ ସେଠାରେ ପହଞ୍ଚିବାକୁ ହୁଏ । ଗାଁ ଗୁଡ଼ିକ ଛୋଟ ଛୋଟ । ଗୋଟିଏ ଗାଁରେ ହାରାହାରି ୨୦୦ରୁ ୮୦୦ ପର୍ଯ୍ୟନ୍ତ ଲୋକ ବାସ କରନ୍ତି । ପାହାଡ଼ ଗଡ଼ାଣିରେ ଏଠି ସେଠି ହୋଇ ସଉରା ବସତି ଦେଖାଯାଏ । ଗୋଟିଏ ନୂତନ ବସତି ବସାଇବା ସମୟରେ ସେମାନେ ସାଧାରଣତଃ ଉଚ୍ଚଭୂମି ଓ ପାହାଡ଼ ଗଡାଣି ଥିବା ଶୁଷ୍କ ଅଂଚଳକୁ ବାସୋପଯୋଗୀ ସ୍ଥଳ ଭାବରେ ବାଛନ୍ତି । ଏପରି ସ୍ଥାନରେ ପାଣି ଜମିବାର ସମ୍ଭାବନା ନ ଥାଏ । ଦୈନନ୍ଦିନ ଚଳଣି ପାଇଁ ବସତି ଅଞ୍ଚଳର ଅନତିଦୂରରେ ପାଣିର ସୁବିଧା ଥାଏ ।

ସଉରା ବସତିର ଅଳ୍ପ ଦୂରରେ ମୃତ ଜ୍ଞାତି ପରିଜନଙ୍କୁ ସ୍ମରଣ କରିବା ଲକ୍ଷ୍ୟରେ ପ୍ରସ୍ତର ଖୋଦିତ ସମାଧିସ୍ଥଳ ଥାଏ । ଗାଁର ପ୍ରବେଶ ପଥରେ ଗସଡ଼ାସୁମ୍, କିତୁଂସୁମ୍ ନାମରେ ଦୁଇଟି କାଷ୍ଠସ୍ତମ୍ଭ ରହିଥାଏ । ଏହି ଦୁଇ ଦେବତାଙ୍କୁ ଗାଁର ଅଭିଭାବକ ଭାବରେ ପୂଜା କରାଯାଏ । ସେମାନେ ଗାଁକୁ ସୁରକ୍ଷିତ ରଖନ୍ତି । ସଉରାମାନେ କ୍ରମାବନତ ପାହାଡ଼ ଶ୍ରେଣୀରେ ଚାଷୋପଯୋଗୀ ସ୍ୱତନ୍ତ୍ର କ୍ଷେତ୍ର ପ୍ରସ୍ତୁତ କରି ସେମାନଙ୍କ ପାରଂପରିକ ଜ୍ଞାନ କୌଶଳର ପରିଚୟ ଦିଅନ୍ତି । କ୍ଷେତକୁ ଉତ୍ତମ ଭାବରେ ଜଳ ପରିଚାଳନା













କରିବାରେ ସଉରାମାନେ ବେଶ୍ ନିପୁଣ । ସବୁଜ ପାର୍ବତ୍ୟାଞ୍ଚଳର କ୍ରମାବନତ ପାହାଡ଼ି କ୍ଷେତରେ ଫସଲର ଅପୂର୍ବ ଶୋଭା ସଂପଦ ଦର୍ଶକଙ୍କୁ ବିମୋହିତ କରେ ।

ସଉରା ଗାଁ, ସେମାନଙ୍କର ବାସସ୍ଥଳୀ ଓ ବାସଗୃହର ନିର୍ମାଣ ଶୈଳୀରେ କୌଣସି ନିର୍ଦ୍ଦିଷ୍ଟ ଢ଼ାଞ୍ଚା ବା ରୂପରେଖ ନଥାଏ । କେଉଁଠି କେଉଁଠି ଘରଗୁଡ଼ିକ ଦୁଇ ଧାଡ଼ିଆ ହୋଇଥାଏ । ଦୁଇ ଧାଡ଼ିଆ ଘର ମଝିରେ ଥାଏ ରାସ୍ତା । ଏହି ରାସ୍ତାକୁ ଦାଣ୍ଡ କୁହନ୍ତି । କେତେକ ଗାଁରେ ଧାଡ଼ି ଧାଡ଼ି ନ ହୋଇ ବିକ୍ଷିପ୍ତ ଘର ଥାଏ । ପ୍ରତି ଧାଡ଼ିରୁ ଆରଧାଡ଼ିକୁ ଯିବା ଆସିବା କରିବା ପାଇଁ ଡାହାଣ ପଟିଆ ରାସ୍ତାଥାଏ । ବେଳେବେଳେ କ୍ରମାବନତ ପାହାଡ଼ି ଫସଲ କ୍ଷେତପରି ନିର୍ମିତ ଗୃହ ଶ୍ରେଣୀ ସମୂହର ସମ୍ମୁଖଭାଗ ଗୋଟିଏ ଦିଗକୁ ରହିଥାଏ । ଗୃହଶ୍ରେଣୀ ଗୁଡ଼ିକ ଆଗପଛ ହୋଇ ତିଆରି ହୋଇଥିବାର ଦେଖାଯାଏ ।
























ଗୋଟିଏ ଘରୁ ଆଉ ଗୋଟିଏ ଘରକୁ ଅଣଓସାରିଆ ପାଦଚଲା ରାସ୍ତାଥାଏ । ଘରର ପ୍ରବେଶ ଦ୍ୱାର ନିହାତି ସଂକୀର୍ଣ୍ଣ ମନେହୁଏ ।





ଏବେ ଆଧୁନିକତାର ପ୍ରଭାବରେ ସଉରାମାନଙ୍କ ଗୃହ ନିର୍ମାଣଶୈଳୀ ବଦଳିଲାଣି । ସେମାନେ ଏବେ ପକ୍କା ଘର ତିଆରି କଲେଣି । ପୁରୁଣା କାଳିଆ ଛୋଟ କୁଡ଼ିଆ ଘରକୁ ସେମାନେ ଆଉ ପସନ୍ଦ କରୁନାହାନ୍ତି । ଗାଁର ମୁଖ୍ୟ ରାସ୍ତାଗୁଡ଼ିକ କ୍ରମଶଃ କଂକ୍ରିଟ୍ ହେଉଛି ।






















ଗୋଟିଏ ଆୟତାକାର କ୍ଷେତ୍ରରେ ଛୋଟ ଏକ ବଖରା ବିଶିଷ୍ଟ ଚାଳ ଛପର ଘର ସଉରାମାନଙ୍କ ପୁରୁଣା କାଳିଆ ଘରର ନମୁନା । ଘରର କାନ୍ଥ ମାଟି ଓ ପଥରରେ ତିଆରି । ସେମାନେ ସାଧାରଣତଃ ଉଚ୍ଚ ଜାଗାରେ ଘର ତିଆରି କରନ୍ତି । ଘରର ସମ୍ମୁଖ ଭାଗରେ ବାରଣ୍ଡା ଥାଏ । ଘରର କାନ୍ଥଗୁଡ଼ିକ ଗେରୁ ଲିପା ମାଟିରେ ସୁନ୍ଦର ଭାବରେ ଲିପାପୋଛା ହୋଇଥାଏ ।

ଘର ଭିତରେ ପ୍ରାୟ ଅଧାଅଧି ଜାଗାରେ କାଠର ଖୁଣ୍ଟମାନ ପୋତାଯାଇ ଗୋଟିଏ ଭାଡ଼ି ତିଆରି ହୋଇଥାଏ । ସେହି ଭାଡ଼ି ଉପରେ ଘରୋଇ ଆସବାବପତ୍ର, ଖାଦ୍ୟଶସ୍ୟ, ଲୁଗାପଟା ଓ ଛୋଟମୋଟ ଅନ୍ୟାନ୍ୟ ଜିନିଷମାନ ରଖାଯିବାର ବିହିତ ବ୍ୟବସ୍ଥା ଥାଏ । ଏହି ଭାଡ଼ି ତଳେ କାନ୍ଥକୁ ଲାଗି ଗୋଟିଏ କୋଣରେ ରୋଷେଇ କାମ କରାଯାଏ । ସେଠାରେ ଖାଇବା ପାଇଁ ବ୍ୟବହାର କରାଯାଉଥିବା ବାସନକୁସନ ମଧ୍ୟ ରଖାଯାଏ । ବଳକା ଥିବା ଖୋଲା ସ୍ଥାନରେ ଧାନ କୁଟା ଯାଏ ଓ ଖିଆପିଆ ହୁଏ ।

ଘର ଛାତର ଛପର ତଳେ ଲୁଗାପଟା, ଟୋକେଇ, ଛଣ, କୋଦାଳ, ଧନୁ, ତୀର, ମାଟି ପାତ୍ର ଆଦି ଟଙ୍ଗା ହୋଇଥିବାର ଦେଖାଯାଏ । ଘରର ଗୋଟିଏ କୋଣରେ କୃଷିକାର୍ଯ୍ୟରେ ବ୍ୟବହୃତ ଉପକରଣମାନ ରଖାଯାଇଥାଏ । କାନ୍ଥରେ ପୂର୍ବ ପୁରୁଷମାନଙ୍କ ଲୁଗାପଟା ବ୍ୟବହୃତ ସାମଗ୍ରୀ ହାଣ୍ଡି, ମାଠିଆ ଓ ଝୁଡ଼ିରେ ଟଙ୍ଗାଯାଇଥାଏ । କାନ୍ଥରେ ଅଙ୍କିତ ସୁନ୍ଦର ଚିତ୍ରକଳା ପାଇଁ ସଉରାମାନେ ପ୍ରସିଦ୍ଧି ଅର୍ଜନ କରିଛନ୍ତି । ସଉରା ଲୋକକଳା ଅନନ୍ୟ ଓ ଅସାଧାରଣ । ଏହା ଇଡ଼ିତାଲ ନାମରେ ପରିଚିତ ।


ବାରଣ୍ଡାରେ ସେମାନେ କୁକୁଡ଼ା ଓ ଘୁଷୁରିମାନଙ୍କ ରହିବା ପାଇଁ ସ୍ୱତନ୍ତ୍ର ଜାଗା କରିଥାନ୍ତି । ଘରର ଗୋଟିଏ କଡ଼ରେ ଗାଈଗୁହାଳ ଥାଏ ।





# ଜୀବନ ଓ ଜୀବିକା

ଜମି ଓ ଜଙ୍ଗଲ ଉପରେ ନିର୍ଭର କରି ସଉରାମାନେ ଜୀବିକା ନିର୍ବାହ କରନ୍ତି । ପୋଡୁଚାଷ ଓ କ୍ରମାବନତ ପାହାଡ଼ି ଭୂମିରେ ସୋପାନ କୃଷି ସେମାନଙ୍କ ମୁଖ୍ୟ ଅବଲମ୍ବନ । ପାରଂପରିକ ଭାବରେ ସେମାନେ ପୋଡୁଚାଷୀ । ସେମାନେ ସ୍ୱତନ୍ତ୍ର ଜ୍ଞାନକୌଶଳ ଓ ବୈଷୟିକ ଦକ୍ଷତାର ଅଧିକାରୀ । ସୋପାନ ପ୍ରଣାଳୀରେ ସେମାନେ ମୁଖ୍ୟତଃ ଧାନଚାଷ କରନ୍ତି । ଏହାବ୍ୟତୀତ ବଗଡ଼ ଚାଷ ଭାବରେ ବାଜରା, ବିଭିନ୍ନ ଶସ୍ୟ ଓ ଡାଲିଜାତୀୟ ଫସଲ ମଧ କରନ୍ତି ।







ପ୍ରତି ସଉରା ଗାଁର ସ୍ୱତନ୍ତ୍ର ଓ ଚିହ୍ନିତ ଭୌଗୋଳିକ ସୀମା ସରହଦ ରହିଥାଏ । ପରିବର୍ଦ୍ଧିତ ପରିବାର ଅଥବା ବିରିଣ୍ଡାକୁ କେନ୍ଦ୍ର କରି ପାରଂପରିକ ଭାବରେ ପାହାଡ଼ ଗୁଡ଼ିକ ସେମାନଙ୍କ ମଧ୍ୟରେ ବୁଝାମଣା ଭିତ୍ତିରେ ବଣ୍ଟା ହୋଇଥାଏ । ଗୋଟିଏ ନିର୍ଦ୍ଦିଷ୍ଟ ବିରିଣ୍ଡା ଅନ୍ତର୍ଭୁକ୍ତ ସଦସ୍ୟମାନେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ପାହାଡ଼ରେ ପୋଡୁ ଚାଷ କରନ୍ତି । ଏହା ବ୍ୟତୀତ ସେଠାକୁ ନୂଆ କରି ଆସିଥିବା ବାହାର ଲୋକ ସେଠାରେ ପୋଡୁଚାଷ କରିପାରିବେ ନାହିଁ ।



ପୋଡୁ ଜମିକୁ ସେମାନେ ବଗଡ଼ କୁହନ୍ତି । ବଗଡ଼ରେ କରାଯାଉଥିବା ଚାଷକୁ ବଗଡ଼ଚାଷ କୁହାଯାଏ । ପ୍ରତିଟି ପରିବାରର କେତେ ଖଣ୍ଡ ଢ଼ଙ୍ଗର ଜମି ଥାଏ । କାହାର ଜମି ପାହାଡ଼ ତଳି ଅଂଚଳରେ ତ ଆଉ କାହାର ପାହାଡ଼ର ମଥାନ ଉପରେ ଥାଏ । ଜଙ୍ଗଲ ଜମିରେ ଥିବା ଫଳଗଛ, କାଠଗଛ ଓ ଜଙ୍ଗଲରେ ଥିବା ଶିକାର ଉପଯୋଗୀ ପଶୁମାନଙ୍କୁ ସେମାନେ ଭାରି ଭଲ ପାଆନ୍ତି । ଜମି, ଜଙ୍ଗଲ, ଗଛ ଓ ପଶୁ ଜୀବନ ପରି ପ୍ରିୟ ମନେହୁଏ ।








ପୋଡୁଚାଷ ପାଇଁ ଗୋଟିଏ ପାହାଡ଼ ଗଡ଼ାଣିକୁ ଭାଗ ଭାଗ କରି କେତେଗୁଡ଼ିଏ ଜମିରେ ବିଭକ୍ତ କରାଯାଇଥାଏ । ଚିହ୍ନିତ ଜମିଖଣ୍ଡ ଗୁଡ଼ିକୁ ନିଜ ନିଜ ଭିତରେ ଚାଷ କରିବା ପାଇଁ ବଣ୍ଟା ଯାଇଥାଏ । ଜଣେ ଚାଷ କରିବା ସାମର୍ଥ୍ୟ ଥିବା ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ଜମିରେ ଚାଷ କରି ଚାଲେ । ସେ ଚାଷ କରିବାକୁ ଅସମର୍ଥ ହେଲେ ସେହି ଜମିର ଆବଶ୍ୟକତାକୁ ବିଚାର କରି ଗୋଷ୍ଠୀସଦସ୍ୟଙ୍କ ସହମତିରେ ଅନ୍ୟକୁ ଦିଆଯାଏ । ଅନ୍ୟ ପକ୍ଷରେ ଜଣକର ଚାଷ କରିବା ସାମର୍ଥ୍ୟ ଥିବା ତା'ର ଜମିକୁ ଆଉ କାହାକୁ ହସ୍ତାନ୍ତର କରାଯାଏ ନାହିଁ । ବଂଶାନୁକ୍ରମିକ ଭାବରେ ସେମାନେ ତାଙ୍କ ପାଇଁ ଉଦ୍ଦିଷ୍ଟ ଡଙ୍ଗର ଜମିକୁ ଭୋଗ ଦଖଲ କରନ୍ତି ।



ଜମିରେ ଦୁଇ ତିନି ବର୍ଷ ଧରି ଗୋଟିକ ପରେ ଆଉ ଗୋଟିଏ ଫସଲ ଚାଷ କରାଯାଏ । ଏହାପରେ ଜମିକୁ ଉର୍ବର କରିବା ନିମନ୍ତେ ଫସଲ ନ କରି ଖାଲି ଛାଡ଼ି ଦିଆଯାଏ । ସଉରାମାନେ ସେମାନଙ୍କ ଜମିରେ ମିଶ୍ରିତ ଚାଷ କରୁଥିବାର ଦେଖାଯାଏ । ସେମାନଙ୍କର ଖାଦ୍ୟାଭ୍ୟାସ ଓ ପାରିପାର୍ଶ୍ୱିକ ଅବସ୍ଥାକୁନେଇ କୃଷିକର୍ମ ପରିଚାଳିତ ହୁଏ । ଏବେ ଚାଷଜମିର ପୁନଃଉର୍ବରତା ଲାଭ ପ୍ରକ୍ରିୟା କ୍ରମଶଃ ବିଳମ୍ବିତ ହେବାରେ ଲାଗିଛି । ବର୍ତ୍ତମାନ ପରିସ୍ଥିତିରେ ପୋଡୁଚାଷ ଆଉ ପୂର୍ବପରି ଲାଭଦାୟକ ନୁହେଁ। ପାରଂପରିକ କୃଷିପଦ୍ଧତିରେ ଉଲ୍ଲେଖନୀୟ ପରିବର୍ତ୍ତନ ହେଲାଣି । ଦିନକୁ ଦିନ ଜଙ୍ଗଲ ଧ୍ୱଂସ ହେବାରେ ଲାଗିଛି । ପାରିପାର୍ଶ୍ୱିକ ଅବସ୍ଥାରେ ସନ୍ତୁଳନ ରହୁନାହିଁ । ଜନସଂଖ୍ୟା ବୃଦ୍ଧି ଫଳରେ ଚାଷୋପଯୋଗୀ ସମତଳ ଜମିର ଅଭାବ ଥିବାରୁ ସେମାନେ ନୀଚା ପାହାଡ଼ ଗଡାଣିରେ ଅଥବା ପାହାଡ଼ ତଳେ ପାରଂପରିକ ଜ୍ଞାନକୌଶଳ ବିନିଯୋଗ କରି ସୋପାନ ପ୍ରଣାଳୀରେ ଧାନ ଚାଷ କରିବାକୁ ଚେଷ୍ଟା ଚଳାଇଛନ୍ତି । ଏହି ପ୍ରକାର ଚାଷପଦ୍ଧତିକୁ ସେମାନେ ସାରୋବା କୁହନ୍ତି ।



ଏହି ପ୍ରଣାଳୀରେ ସଉରାମାନେ ସଧାରଣ କୃଷି କରି ବେଶ୍ ଲାଭବାନ ହେଉଛନ୍ତି । ସୋପାନ ପ୍ରଣାଳୀରେ





ପ୍ରସ୍ତୁତ ପାହାଡ଼ ଗଡ଼ାଣି କ୍ଷେତ ସମୂହକୁ ବର୍ଷସାରା ସେମାନେ ଯେପରି ପାରଂପରିକ ଜ୍ଞାନ କୌଶଳ ବ୍ୟବହାର କରି ଜଳ ଯୋଗାଣର ବିହିତ ବ୍ୟବସ୍ଥା କରନ୍ତି ତାହା ସେମାନଙ୍କ କୃଷି ନୈପୁଣ୍ୟର ପରିଚୟ ପ୍ରଦାନ କରେ । ଉଚ୍ଚ କ୍ରମାବନତ ପାହାଡ଼ ଗଡ଼ାଣିର ଶୁଷ୍କ ସୋପାନ କ୍ଷେତରେ ବିରି, କୋଳଥ ଆଦି ଡାଲିଜାତୀୟ ଫସଲ କରନ୍ତି । ଏହାକୁ ସେମାନେ ଜିଆନୁମ୍ କହିଥାନ୍ତି ।



ଗଡ଼ାଣିଆ ପାହାଡ଼ି ସୋପାନ କ୍ଷେତ ଗୁଡ଼ିକ ପାହାଡ଼ି ଝରଣାର ଡାହାଣ ପଟକୁ ଶହ ଶହ ଫୁଟ ଲମ୍ବିଥାଏ । କେତେକ କ୍ଷେତ୍ରରେ ଏହା ପାହାଡ଼ର ମଥାନକୁ ଛୁଉଁଥାଏ । ପ୍ରତି ସୋପାନ କ୍ଷେତର ଚଟାଣ ସମତଳ ହୋଇଥିବା ସ୍ଥଳେ କ୍ଷେତର ଧାର ବା ହିଡ଼କୁ ପଥର ବନ୍ଧ ଦେଇ ନିବୁଜ କରାଯାଇଥାଏ । ଏପରି କୌଶଳର ସହିତ କ୍ରମାବନତ ପାହାଡି ସୋପାନ କ୍ଷେତ ଗୁଡ଼ିକୁ ପ୍ରସ୍ତୁତ କରାଯାଇଥାଏ ଯେ ଉପରୁ ତଳକୁ ଜଳ ପ୍ରବାହିତ ହେଲେ ମଧ୍ୟ ଆଦୌ ମୃତ୍ତିକା କ୍ଷୟ ହୁଏ ନାହିଁ । ସୋପାନ କ୍ଷେତ ଗୁଡ଼ିକ ଘରୋଇ ଭାବରେ ଅଧିକୃତ । ପିତା ଅନ୍ତେ ପୁତ୍ର କ୍ଷେତର ମାଲିକ ହୋଇଥାଏ ।



ଗୋଟିଏ ଟାଙ୍ଗିଆ ଓ କୋଦାଳ ବ୍ୟବହାର କରି ସେମାନେ ବଗଡ଼ ଓ ସାରୋବା ଚାଷ କରିବାକୁ ସମର୍ଥ ହୋଇଥାନ୍ତି । ଏହାଦ୍ୱାରା ସେମାନେ ନିଜର କୁଟୁମ୍ବ ପାଳନ କରନ୍ତି । ସଉରା ମାନଙ୍କ ଅଂଚଳର ଭୌଗୋଳିକ ଅବସ୍ଥିତି, ସେମାନଙ୍କର କଠିନ ପରିଶ୍ରମ ଓ ଦଳଗତ ପ୍ରଚେଷ୍ଟା ବଳରେ ସେମାନେ ପାହାଡ଼ ଗଡ଼ାଣି କୃଷିରେ ସଫଳତା ହାସଲ କରନ୍ତି ।



ସଉରା ମାନେ ବୃକ୍ଷପ୍ରିୟ । ସେମାନେ ଖଜୁରୀ, ଆମ୍ବ, ପଣସ, ତେନ୍ତୁଳି, ମହୁଲ, ସଲପ, ରାମଫଳ, ସୀତାଫଳ ଆଦି ବୃକ୍ଷର ସଂରକ୍ଷଣ ଦିଗରେ ତତ୍ପରତା ପ୍ରକାଶ କରନ୍ତି । ଡଙ୍ଗର, ପାହାଡ଼ ଓ ଗାଁ ଗୁଡ଼ିକରେ ଏସବୁର ଗଛର ବହୁଳତା ଦେଖାଯାଏ । ଏହା ବ୍ୟତୀତ ସେମାନେ ନିଜ ଘରପଛପଟେ ବାଡ଼ିବଗିଚା ଓ ଫଳବଗିଚା ମଧ୍ୟ କରନ୍ତି ।

ବର୍ତ୍ତମାନ ପୋଡୁଚାଷ, ସାଧାରଣ ଚାଷ ଓ ଜଙ୍ଗଲ ସଂପଦ ଉପରେ ନିର୍ଭର କରି ଚଳିବା ଏକ କଠିନ ବ୍ୟାପାର ହୋଇଥିବାରୁ ସେମାନେ ସଂପ୍ରତି ଉଦ୍ୟାନ କୃଷି ଉପରେ ଧ୍ୟାନ ଦେଉଛନ୍ତି । ଉନ୍ନୟନ ସଂସ୍ଥା














ସମୂହ ଦ୍ୱାରା ପ୍ରଶିକ୍ଷିତ ହୋଇ ସେମାନେ ଅଭିନବ ଉଦ୍ୟାନ କୃଷି ପଦ୍ଧତି ସହିତ ନିଜକୁ ସାମିଲ୍ କଲେଣି ।

ଘର ପଛ ପଟ ବାଡ଼ିବଗିଚାରେ ଫଳଗଛ ଓ ପନିପରିବା ଚାଷ କରିବା ବ୍ୟତୀତ ଅର୍ଥନୈତିକ ଦୃଷ୍ଟିକୋଣରୁ ସେମାନେ ବର୍ତ୍ତମାନ ଅନୁର୍ବର ଡଙ୍ଗର, ପାହାଡ଼ ଗଡାଣି ଓ ପରିତ୍ୟକ୍ତ ପଡ଼ିଆ ଜମିରେ କାଜୁ ଗଛ ଲଗାଉଛନ୍ତି । କାଜୁ ଏକ ଲାଭଜନକ ଅର୍ଥକରୀ ଫସଲ । ଏଥିପାଇଁ କମ୍ ପରିଶ୍ରମ କରିବାକୁ ହୁଏ । ନିଜ ଉଦ୍ୟମରେ ବର୍ତ୍ତମାନ ସେମାନେ କାଜୁବଗିଚା କରୁଛନ୍ତି । ଏହି ଲାଭଦାୟକ କାଜୁଚାଷ ପାରଂପରିକ ପୋଡୁଚାଷକୁ ପଛକୁ ଠେଲି ଦେଇଛି ।





ବର୍ଷସାରା ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରିବା, ମୂଲ ଲାଗିବା, ମାଛ ଧରିବା ଓ ଶିକାର କରିବା ଆଦି କାମ କରିବା ଫଳରେ ଜୀବନ ନିର୍ବାହରେ ଆବଶ୍ୟକ ହେଉଥିବା ଅର୍ଥନୈତିକ ଅଭାବର ପରିପୂର୍ତ୍ତି ହେଉଛି । ସେମାନେ ମଧ ଗାଇ, ବଳଦ, ମଇଁଷି, ଛେଳି ଘୁଷୁରି ଓ କୁକୁଡ଼ା ଆଦି ଗୃହପାଳିତ ପଶୁପାଳନ କରୁଛନ୍ତି । ବଦଳ, ମଇଁଷି ଆଦିକୁ କୃଷି କାର୍ଯ୍ୟରେ ଲଗାଉଛନ୍ତି । ଛେଳି ଓ କୁକୁଡ଼ା ଆଦିକୁ ଧାର୍ମିକ ପର୍ବପର୍ବାଣିରେ ଦେବତାଙ୍କ ସନ୍ତୁଷ୍ଟି ଲାଗି ବଳିଦେବା ସହିତ ମାଂସ ମଧ ଖାଉଛନ୍ତି ।



ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ଜୀବନର ଏକ ପ୍ରମୁଖ ଦିଗ ହେଉଛି ପାରଂପରିକ ପଦ୍ଧତିରେ ଚଳି ଆସୁଥିବା ''ଶ୍ରମ ସମବାୟ'' ବ୍ୟବସ୍ଥା । ଏହି ବ୍ୟବସ୍ଥାକୁ ଆନ୍‌ସିର୍ କୁହନ୍ତି । ଡଙ୍ଗର ଚାଷ, ଗୃହ ନିର୍ମାଣ ଓ କ୍ରମାବନତ ପାହାଡ଼ ଗଡ଼ାଣିରେ କୃଷି କରିବା ଆଦି କର୍ମରେ ସେମାନେ ନିଜ ଗୋଷ୍ଠୀ ଭିତରେ ଶ୍ରମ ବିନିମୟ କରନ୍ତି ।




# ସାମାଜିକ ଜୀବନ

ସଉରା ସମାଜ କାପୁ, ଯତି, ଶୁଦ୍ଧ, ଯଦୁ, ଜାରା, ଆରସି, ଦୁଆରା, ମୁଲି, କିନ୍ଦଲ, କୁମ୍ଭୀ, ବାସୁ, ଲାଞ୍ଜିଆ ଏହିପରି ୨୫ ଭାଗରେ ବିଭକ୍ତ । ଏହା ସାମାଜିକ ଚଳଣି, ପ୍ରଥା, ପରମ୍ପରା, ଖାଦ୍ୟାଭ୍ୟାସ ଓ ବୃତ୍ତି ଉପରେ ଆଧାରିତ । କେତେକ ଗବେଷକ ସଉରା ମାନଙ୍କ ସାମାଜିକ ଜୀବନକୁ ଅଧ୍ୟୟନ ଓ ଗବେଷଣା କରି ସେମାନଙ୍କୁ ପାହାଡ଼ି ସଉରା ଓ ଦେଶିଆ ସଉରା ଭେଦରେ ବିଭକ୍ତ କରିଛନ୍ତି ।




ଦେଶରେ ଅଧିକାଂଶ ଜନଜାତି ସମାଜ ତୁଳନାରେ ସଉରା ମାନଙ୍କ ଜୀବନଧାରଣ ପ୍ରଣାଳୀ ଓ ଚଳଣି ସ୍ୱତନ୍ତ୍ର । ସେମାନେ ଦଳ ଭିତରେ ବିବାହ କରନ୍ତି ନାହିଁ । ବୈବାହିକ ସଂପର୍କ ସ୍ଥାପନ ସମୟରେ ଗୋତ୍ର ଉପରେ ଗୁରୁତ୍ୱ ଦିଆଯାଏ । ଗୋଟିଏ ବଂଶକୁ ବିରିନ୍ଦା କୁହନ୍ତି । ଜଣେ ମୂଳ ପୁରୁଷଠାରୁ କ୍ରମଶଃ ଜନସଂଖ୍ୟା ପ୍ରସାରିତ ହୋଇ ଗୋଟିଏ ବିରିନ୍ଦା ହୋଇଥାଏ । ବିରିନ୍ଦାଟି ପିତୃକୈନ୍ଦ୍ରିକ ହୋଇଥାଏ ।










ଗୋଟିଏ ବିରିନ୍ଦାର ପୁଅ ଓ ଝିଅମାନେ ରକ୍ତ ସଂପର୍କୀୟ ଭାଇ, ଭଉଣୀ ପରି । ସେମାନଙ୍କ ମଧ୍ୟରେ ବିବାହ ସଂପର୍କ ଚଳେ ନାହିଁ । ଜଣେ ଗୋଷ୍ଠୀ ସଦସ୍ୟ ମରିଗଲେ ସମଗ୍ର ବିରିନ୍ଦାରେ ଅନ୍ତ୍ୟେଷ୍ଟିକ୍ରିୟା ପାଳିତ ହୁଏ । ଏହାକୁ ଗୁଆର ଓ କାର୍ଜା କୁହନ୍ତି । ଗୁଆର ଓ କାର୍ଜା ପରେ ମୃତଲୋକଟି ଅଶରୀରି ଦୁନିଆଁର ସଦସ୍ୟ ପାଲଟିଯାଏ । ବିରିନ୍ଦାର ଜଣେ ସଦସ୍ୟ ସମୟ ସ୍ରୋତରେ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ ହୋଇଥିଲେ ସେ ପୁନଶ୍ଚ ମୂଳ ବିରିନ୍ଦାକୁ ପ୍ରତ୍ୟାବର୍ତ୍ତନ କରିପାରେ । ସେ ମୃତ୍ୟୁ ବରଣ କଲାପରେ ଚିତାଭସ୍ମରୁ ତା'ର ହାଡ଼ ସଂଗ୍ରହ କରି ନିଜ







ଗୋଷ୍ଠୀରେ ଅନ୍ତିମ ସଂସ୍କାର କର୍ମ କରାଯାଏ । ଯାହାର ବଂଶରେ ବା କୁଳରେ କେହି ନଥାନ୍ତି ସେପରି ସ୍ଥଳେ ବିରିନ୍ଦା ସମସ୍ତ ସଂପତ୍ତିର ଉତ୍ତରାଧିକାରୀ ହୁଏ ।


ସବୁଠୁ ବଡ଼ ଉଲ୍ଲେଖନୀୟ କଥା ହେଲା ଜଣେ ମହିଳା ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ତା ବାପାଙ୍କ ବିରିନ୍ଦା ଅନ୍ତର୍ଭୁକ୍ତ ହୋଇ ରହିଥାଏ । ବୈବାହିକ ସଂପର୍କରେ ଆବଦ୍ଧ ହେଲା ପରେ ମଧ୍ୟ ଜଣେ ମହିଳାର ବିରିନ୍ଦା ସଦସ୍ୟତାରେ ପରିବର୍ତ୍ତନ ହୁଏ ନାହିଁ । ମୃତ୍ୟୁ ପରେ ନିଜ ବିରିନ୍ଦାର ଲୋକମାନେ ଅନ୍ତ୍ୟେଷ୍ଟିକ୍ରିୟା ପାଳନ କରିବା ସହିତ ଗୁଆର ପର୍ବ କରିଥାନ୍ତି । ବିନା ଦ୍ୱିଧାରେ ସ୍ୱାମୀ ପରିବାର ତରଫରୁ ଏଥିନିମନ୍ତେ ସହମତି ମିଳିଥାଏ ।














ସଉରା ମାନଙ୍କ ପରିବାର ଛୋଟ । ବାପା, ମାଆ ଓ ଅବିବାହିତ ପୁତ୍ର କନ୍ୟାମାନଙ୍କୁ ନେଇ ପରିବାର ଗଠିତ । ସଉରା ସମାଜରେ ବହୁପତ୍ନୀକ ପ୍ରଥାର ପ୍ରଚଳନ ରହିଛି । ଏହି କାରଣରୁ ଜଣେ ଜଣେ ପୁରୁଷର ଏକାଧିକ ପତ୍ନୀ ଥିବାର ଦେଖାଯାଏ ।

ସଉରାମାନେ ସେମାନଙ୍କ ପିଲାମାନଙ୍କୁ ଭାରି ଭଲ ପାଆନ୍ତି । ଯଦି ସ୍ତ୍ରୀ ବନ୍ଧ୍ୟା ହୁଏ ତା'ହେଲେ ସ୍ୱାମୀ ଆଉ ଜଣେ ମହିଳାଙ୍କୁ ବିବାହ କରିପାରେ ଅଥବା ଜଣେ ଶିଶୁକୁ ପୋଷ୍ୟ ସନ୍ତାନ ଭାବରେ ଗ୍ରହଣ କରେ । ଗର୍ଭବତୀ ମହିଳାଟିଏ ସନ୍ତାନ ପ୍ରସବ ଦେବା ପର୍ଯ୍ୟନ୍ତ ତା'ର ନିତ୍ୟ ନୈମିତ୍ତିକ ଦୈନନ୍ଦିନ କାର୍ଯ୍ୟ ଯଥାରୀତି କରିଚାଲେ । ପ୍ରସବ ବେଦନା ଆରମ୍ଭ ହେଲେ ଗର୍ଭବତୀ ମହିଳାଟି ଗୋଟିଏ ଘର ଭିତରେ ଆବଦ୍ଧ ହୋଇ ରୁହେ । ଜଣେ ବୟୋଜ୍ୟେଷ୍ଠା ଅଭିଜ୍ଞା ମହିଳା ପ୍ରସବ କରାଇବାରେ ଆବଶ୍ୟକ ସହାୟତା ପ୍ରଦାନ କରେ । ସନ୍ତାନ ଜନ୍ମ ପରେ ମା ଓ ଶିଶୁ ଅଳ୍ପ ଉଷୁମ ପାଣିରେ ସ୍ନାନ କରନ୍ତି । ସାତ ଦିନ ଧରି ଜନ୍ମ ଅଶୌଚ ଅଥବା ସୂତିକିଆ ପାଳନ କରାଯାଏ । ସପ୍ତମ ଦିବସରେ ମା ଶୁଦ୍ଧସ୍ନାନ କରି ରୋଷେଇ କରେ । ପରିବାରର ଅନ୍ୟ ମହିଳା ସଦସ୍ୟମାନେ ଏଥିରେ ଅଂଶ ଗ୍ରହଣ କରନ୍ତି । ସେମାନେ ସାଧାରଣତଃ ପୂର୍ବପୁରୁଷଙ୍କ ନାଁ ଅନୁଯାୟୀ ନିଜ ସଂତାନର ନାଁ ରଖିବାକୁ ଅଧିକ ପସନ୍ଦ କରିଥାନ୍ତି ।





ସଉରା ମାନଙ୍କ ବାହାଘର ଏକ ସାଧାରଣ ଘଟଣା । ସଉରା ସମାଜରେ ପ୍ରଚଳିତ ବିଭିନ୍ନ ପ୍ରକାର ବିବାହ ଧାରା ମଧ୍ୟରେ ପ୍ରସ୍ତାବ ବିବାହ, ଜୋର ଜବରଦସ୍ତି ଧରିପଳାଇବା ବିବାହ ଓ ଝିକା ବିବାହ ଅନ୍ୟତମ । ସଉରାମାନେ ପ୍ରସ୍ତାବ ବିବାହକୁ ପସନ୍ଦ କରନ୍ତି । ଧରିପଳାଇବା ଅଥବା ଝିକା ବିବାହ ଏକ ବ୍ୟତିକ୍ରମ । ବହୁପତ୍ନୀ ଗ୍ରହଣ ସେମାନଙ୍କ ପାଇଁ ଏକ ପ୍ରଚଳିତ ଧାରା । ଅଧିକ ଜମି ଥିବା










ସଉରାର ଏକାଧିକ ପତ୍ନୀ ଥାନ୍ତି । ଅଧିକ ଜମିର ରକ୍ଷଣାବେକ୍ଷଣ ପାଇଁ ଅଧିକ ପତ୍ନୀ କାମ କରିବା ଦ୍ୱାରା ପାରିବାରିକ ଆୟ ବଢ଼ିଥାଏ ବୋଲି ସେମାନଙ୍କ ବିଶ୍ୱାସ ।

ପିତାମାତା ଓ ସଂପର୍କୀୟମାନେ ପୁଅର ବାହାଘର ପାଇଁ ପ୍ରସ୍ତାବ ଆଣନ୍ତି । ବର ଓ କନ୍ୟା ପକ୍ଷର ସାମାଜିକ ଅବସ୍ଥାକୁ ଆଖି ଆଗରେ ରଖି ବିବାହ ପ୍ରସ୍ତାବକୁ ପକ୍କା କରାଯାଏ । କେତେକ ଘଟଣାରେ ନୀଚ ବିରିନ୍ଦାର ପୁଅ ଉଚ୍ଚ ବିରିନ୍ଦାର ଝିଅକୁ ବିବାହ କରିବା ପାଇଁ ପ୍ରସ୍ତାବ ଆସିଲେ ବର ପକ୍ଷରୁ କନ୍ୟାପିତାଙ୍କୁ ଅଧିକ କେତେ ମାଠିଆ ମଦ ଦେବାକୁ ହୁଏ ।




ବରପିତା କେତେଜଣ ଜ୍ଞାତି କୁଟୁମ୍ବଙ୍କୁ ସାଙ୍ଗରେ ଧରି ମାଠିଆଏ ମଦ ନେଇ କନ୍ୟାଘରକୁ ବୁଲିବାକୁ ଯାଏ । ପ୍ରସ୍ତାବରେ କନ୍ୟାପିତା ସମ୍ମତ ହେଲେ ମଦ ଗ୍ରହଣ କରାଯାଏ । ଗାଁର ମାନ୍ୟଗଣ୍ୟ ମୁରୁଖୀ ସଦସ୍ୟଙ୍କ ଉପସ୍ଥିତିରେ ମଦ ଦିଆଯାଏ । ଏହିପରି ପ୍ରସ୍ତାବ ବିବାହରେ କନ୍ୟାର ମତାମତକୁ ଅଗ୍ରାଧିକାର ଦିଆଯାଏ । ଏହାପରେ ବରପକ୍ଷ କନ୍ୟାଘରକୁ ଅନକ ଥର ମଦ ନେଇ ବୁଲିବାକୁ ଯାଆନ୍ତି । ଏହିପରି ଗୋଟିଏ ଘଟଣାରେ ଚାରଟିଏ ନେବା ସହିତ ବିବାହ ପ୍ରସ୍ତାବ ଚୂଡାନ୍ତ ହୁଏ । ଅନ୍ୟ ଗୋଟିଏ ଥର ଉଭୟ ପକ୍ଷ ମଧ୍ୟରେ ଆଲୋଚନା କରାଯାଇ ସର୍ବ ସମ୍ମତି କ୍ରମେ ଉତ୍ତମ ବୁଝାମଣା ଭିତ୍ତିରେ କନ୍ୟାମୂଲ ସ୍ଥିର ହୁଏ ।



କନ୍ୟାମୂଲ ସାଧାରଣତଃ ଅର୍ଥ ଓ ପଦାର୍ଥ ଆକାରରେ ଦିଆଯାଏ । ଅର୍ଥର ପରିମାଣ ସମୟ କ୍ରମେ ବଦଳୁଥାଏ । ଅର୍ଥ ବାହାରେ ଆହୁରି ଆଠ ମାଠିଆ ମଦ ଦେବାକୁ ପଡେ । ବିବାହ ସମ୍ବନ୍ଧ ସ୍ଥିର କରିବା ଦିନ ଅର୍ଥାତ୍ ନିର୍ବନ୍ଧ ଦିନ ବରପକ୍ଷ ନଅ ମାଠିଆ ମଦ ନେଇ କନ୍ୟାଘରକୁ ଯାଆନ୍ତି । କନ୍ୟାଘର ତରଫରୁ ବରପକ୍ଷ ଲୋକମାନଙ୍କୁ ଭାତ ଓ ମଇଁଷି ମାଂସ ଭୋଜି କରି ଖାଇବାକୁ ଦିଆଯାଏ । ବର୍ଷେ ପରେ ବରକନ୍ୟାଙ୍କର ବିବାହ ଅନୁଷ୍ଠିତ ହୁଏ । କନ୍ୟାକୁ ବର ଘରକୁ ଅଣାଯାଏ । ସେଦିନ ନୃତ୍ୟ, ସଙ୍ଗୀତ ଓ ମଦପାନରେ ସମସ୍ତେ ମଜ୍ଜିରହନ୍ତି । ବିବାହ ପରେ ବର ଓ କନ୍ୟା ସ୍ୱାମୀ - ସ୍ତ୍ରୀ ଭାବରେ ଏକ ନୂଆ ପରିଚୟ ପାଆନ୍ତି ।







ଅତୀତରେ ସଉରା ସମାଜରେ ଜୋର ଜବରଦସ୍ତି ଝିଅକୁ ଧରି ପଳାଇବା ସାଧାରଣତଃ ମାମୁଲି ଘଟଣା ଥିଲା । ବର୍ତ୍ତମାନ ସମାଜରେ ଏପରି ଘଟଣା ବହୁତ କମ୍ ଘଟୁଛି । ଝିଅକୁ ଧରି ପଳାଇବା ପ୍ରଥା ସମ୍ମାନଜନକ ଓ ସ୍ପୃହଣୀୟ ନୁହେଁ । ପୂର୍ବପୁରୁଷ ମାନେ ଏପରି ବିବାହ ଧାରାକୁ ପସନ୍ଦ କରନ୍ତି ନାହିଁ ବୋଲି ସଉରା ମାନେ ବିଶ୍ୱାସ କରନ୍ତି ।


ସେମାନଙ୍କ ସମାଜରେ ବିଧବା ବିବାହ, ବିପତ୍ନୀକ ବିବାହ ଓ ଛାଡପତ୍ରର ପ୍ରଚଳନ ରହିଛି । ଶାଳୀ ବିବାହ ଓ ବିଧବା ବିବାହ ଚଳେ । ଏହି ପ୍ରଥା ଅନୁଯାୟୀ ଜଣେ ବ୍ୟକ୍ତି ତା ମୃତ ପତ୍ନୀର ସାନ ଭଉଣୀକୁ ବିବାହ କରେ । ସେହିପରି ଜଣେ ସ୍ତ୍ରୀ ତା' ମୃତ ସ୍ୱାମୀର ସାନ ଭାଇକୁ ମଧ୍ୟ ବିବାହ କରିପାରେ ।

ସଉରାମାନେ ଶବକୁ ପୋଡିଦିଅନ୍ତି । ମାତ୍ର ହଇଜା ଓ ବସନ୍ତରେ ମରିଥିବା ଲୋକର ଶବକୁ ପୋତି ଦିଆଯାଏ । ସେମାନେ ଶବକୁ ବାଜା ବଜେଇ ସଙ୍ଗରେ ନେଇ ଶ୍ମଶାନ ଭୂମିକୁ ଯାଇ ପାଉଁଶକୁ ପରୀକ୍ଷା କରିବା ସହିତ ମରିବାର କାରଣ ଖୋଜନ୍ତି । ସେଦିନ ସନ୍ଧ୍ୟାରେ ଶ୍ମଶାନ ଭୂମିରେ ଗୋଟିଏ କୁକୁଡା ବଳି ଦିଆଯାଏ । କୁକୁଡା ମାଂସ ସହିତ ପିତା ପତ୍ର ମିଶାଇ ଭାତ ରନ୍ଧାଯାଏ । ସେହି ପିତା ଭାତ ଓ ମାଂସକୁ ଗାଁର ଶୋକକାରୀମାନେ ଖାଆନ୍ତି ।











ଜଣେ ମୃତ୍ୟୁ ବରଣ କରିବାର ବର୍ଷେ ବା ଦୁଇବର୍ଷ ପରେ ଖର୍ଚ୍ଚ ବହୁଳ ଗୁଆର ଉତ୍ସବ ଅନୁଷ୍ଠିତ ହୁଏ । ଏଥିପାଇଁ ଗୋଟିଏ କାଷ୍ଠସ୍ତମ୍ଭ ପୋତାଯାଏ । ସେଠାରେ କେତେ ଗୁଡିଏ ମଇଁଷି ବଳି ଦିଆଯାଏ । ସାଧାରଣତଃ ତିନୋଟି କାର୍‌ଜା ଉତ୍ସବ ପାଳିତ ହେବା ପରେ ପ୍ରତି ଦ୍ୱିତୀୟ ଅଥବା ତୃତୀୟ ବର୍ଷକୁ ସ୍ମରଣୀୟ ରଖିବା ଲକ୍ଷ୍ୟରେ ପରଲୋକଗତଙ୍କ ସମ୍ମାନାର୍ଥେ ଏହି ଉତ୍ସବର ଆୟୋଜନ କରାଯାଇଥାଏ । ଏହି ଉତ୍ସବ ସାଧାରଣତଃ ମାର୍ଚ୍ଚ ଓ ଏପ୍ରିଲ ମାସ ବେଳକୁ ପାଳନ କରାଯାଏ ।





# ଗୁଣିଗାରେଡି ଓ ଧର୍ମୀୟ ଜୀବନ





ସଉରାମାନଙ୍କ ପରି ଅନ୍ୟ ଜନଜାତିର ଧାର୍ମିକ ଜୀବନ ଏତେ ବିସ୍ତୃତ ଓ ଜଟିଳ ନୁହେଁ । ସେମାନଙ୍କର ସାମାଜିକ ପ୍ରଥା ପରଂପରା ଓ ଧର୍ମ ବିଶ୍ୱାସକୁ ନ ବୁଝିଲେ ଜୀବନର ଅନ୍ୟକୌଣସି ଦିଗ ଓ ଦୃଷ୍ଟିକୋଣକୁ ବୁଝିହେବ ନାହିଁ । ସେମାନଙ୍କର ଦେବଦେବୀଙ୍କର କୌଣସି ନିର୍ଦ୍ଦିଷ୍ଟ ପଞ୍ଜୀକୃତ ନାମ ନାହିଁ । ସମୟ କ୍ରମେ ନାମ ତାଲିକାରେ ନୂଆ ନାଁ ମିଶେ ଓ ପୁରୁଣା ନାଁ ଭୁଲି ହୋଇଯାଏ । ସଉରାମାନଙ୍କର ବହୁ ଦେବଦେବୀ; ଦୁଷ୍ଟ ଓ ଶିଷ୍ଟ ପ୍ରେତାତ୍ମା ରହିଥିବାର ଜଣାଯାଏ ।


ସଉରା ଦେବଦେବୀମାନଙ୍କୁ ସାଧାରଣତଃ ସନୁମ୍ କୁହାଯାଏ । ଲବସୁମ୍, ରୁଡେ ସୁମ୍ ଓ କାରୁଣୀ ସୁମ୍ ପରି ଅନେକ ଦେବଦେବୀ ଦେଖାଯାଆନ୍ତି । ଏହି ସବୁ ଦେବତା ଓ ପ୍ରେତାତ୍ମା ଙ୍କ ଜନ ସମାଜ ଉପରେ ଅଖଣ୍ଡ ପ୍ରଭାବ ଥାଏ । ସେମାନଙ୍କ ସନ୍ତୁଷ୍ଟି ବିଧାନ ନ ହେଲେ ସେମାନେ ବିଭିନ୍ନ ପ୍ରକାର କ୍ଷତିସାଧନ କରନ୍ତି ।




ଶିଷ୍ଟ ଶକ୍ତି ତୁଳନାରେ ଅପଶକ୍ତି ପ୍ରତି ଅଧିକ ଭୟଥାଏ । ଭୟ ଓ ଆଶଙ୍କାରେ ସେମାନଙ୍କ ପୂଜା କରାଯାଏ । ପରିବାର ସଦସ୍ୟଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି ପାଇଁ ସେମାନଙ୍କ ଉଦ୍ଦେଶ୍ୟରେ ପଶୁ - ପକ୍ଷୀ ବଳି ଦିଆଯାଏ ।

ଧର୍ମ ବିଶ୍ୱାସ, ଧାର୍ମିକ ଆବଶ୍ୟକତା ଓ ଧର୍ମୋତ୍ସବ ଗୁଡିକର କାର୍ଯ୍ୟନିର୍ବାହୀ 'ବୁୟା' ନାମରେ ପରିଚିତ । କୁଡାନ ଓ କୁଡାନବଇ ପୁରୁଷ ଓ ମହିଳା ସମନ ଅନ୍ୟାନ୍ୟ ଧର୍ମୀୟ କାର୍ଯ୍ୟର ପରିଚାଳନା କରିବା ସହିତ ତୁଟୁକା ଚିକିତ୍ସା ମଧ୍ୟ କରନ୍ତି । ବୁୟା ଏକ ଆରୋପିତ ପଦବୀ ହୋଇଥିବା ସ୍ଥଳେ କୁଡାନ ଓ କୁଡାନ ବଇ ପଦବୀ ପାଇଁ ବ୍ୟକ୍ତିର ନିଜସ୍ୱ ଜ୍ଞାନ କୌଶଳ ରହିଥାଏ ।









ସଉରା ସମାଜରେ କୁଡାନ ଓ କୁଡାନ ବଇଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସେମାନେ ନିଜର ପାରଂପରିକ ଜ୍ଞାନ କୌଶଳରେ ରୋଗର ନିଦାନ ନିରୂପଣ କରି ଫଳପ୍ରଦ ଚିକିତ୍ସା ମାଧ୍ୟମରେ ବହୁ ଅସୁବିଧା ଓ ପୀଡା ଦୂର କରିଥାଆନ୍ତି । ସମନ ଜଣେ ଦୈବୀ କୃପାପ୍ରାପ୍ତ ଚିକିତ୍ସାବିତ୍ । ଆଦେଶ ବଳରେ ସେ ଦୃଶ୍ୟ ଓ ଅଦୃଶ୍ୟ ପୃଥିବୀ ମଧ୍ୟରେ ସିଧାସଳଖ ଯୋଗାଯୋଗ ସ୍ଥାପନ କରି ଅପଶକ୍ତି ଦ୍ୱାରା ସୃଷ୍ଟି ହେଉଥିବା ସବୁ ପ୍ରକାର ରୋଗର ନିରାକରଣ କରନ୍ତି ।



ସମନ ମାନେ ଏକ ପ୍ରକାର ସାଧକ ଗୋଷ୍ଠୀର । ପ୍ରତି ପୁରୁଷ ସମନର ଜଣେ ଅଦୃଶ୍ୟ ମହିଳା ସହାୟିକା ଥାଏ । ସେହିପରି ଜଣେ ମହିଳା ସମନର ଅଦୃଶ୍ୟ ପୁରୁଷ ସହାୟକ ଥାଏ । ସମନ ଓ ସମନାଣି ଯେତେବେଳେ ଦେବତା ପୂଜା ଓ ଭକ୍ତି ଭାବରେ ଜଡିତ ହୋଇ ଅତ୍ୟନ୍ତ ଭାବାବେଗରେ ଆବେଶ ହୋଇ ପଡନ୍ତି ସେତେବେଳେ ନିଜକୁ ଭୁଲି ଯାଆନ୍ତି । ଆବେଶ ଅବସ୍ଥାରେ ସେମାନେ ଭବିଷ୍ୟ କଥା କହିପାରନ୍ତି । ସମନ ଓ ଅଦୃଶ୍ୟ ଶକ୍ତିର ସଂପର୍କ ସ୍ୱାମୀ - ସ୍ତ୍ରୀ ପରି ହୋଇଥାଏ ।




କୃଷି ଚକ୍ର ଓ ଜୀବନଚକ୍ରକୁ କେନ୍ଦ୍ର କରି ନାନା ପ୍ରକାର ପର୍ବପର୍ବାଣି ଓ ଧାର୍ମିକ କ୍ରିୟାକର୍ମ ଅନୁଷ୍ଠିତ ହୁଏ । ସେଗୁଡ଼ିକ ମଧ୍ୟରୁ କେତେକ ପାରିବାରିକ ହୋଇଥିବା ବେଳେ ଆଉ କେତେକ ଗୋଷ୍ଠୀପର୍ବ ହୋଇଥାଏ । ଶିଶୁଜନ୍ମ, ବିବାହ ଓ ମୃତ୍ୟୁ ଆଦି ଧର୍ମବିଧି ପାଳନ ପାରିବାରିକ ହୋଇଥିବା ସ୍ଥଳେ କୃଷିକୈନ୍ଦ୍ରିକ ପର୍ବ ଗୁଡ଼ିକ ଗୋଷ୍ଠୀପର୍ବ ହୋଇଥାଏ ।

ସଉରାମାନେ ନିଷ୍ଠାପର ଭାବରେ ଧର୍ମବିଧି ପାଳନ କରନ୍ତି । ଧର୍ମ ସେମାନଙ୍କ ଜୀବନର ଅପରିହାର୍ଯ୍ୟ ଓ ଅବିଚ୍ଛେଦ୍ୟ ଅଙ୍ଗ । ସେମାନେ ପ୍ରଚଳିତ ପ୍ରଥାକୁ ଉଲ୍ଲଙ୍ଘନ ଅଥବା ପ୍ରତିରୋଧ କରନ୍ତି ନାହିଁ ।














# ସାମାଜିକ ନିୟନ୍ତ୍ରଣ


ଗୋଟିଏ ସଉରା ଗାଁରେ ସମଜାତୀୟ ଲୋକମାନେ ବସବାସ କରନ୍ତି । ଗାଁରେ ସାମାଜିକ ରାଜନୈତିକ କାର୍ଯ୍ୟାବଳୀରେ ଏକତା ସଂହତି, ସଂଯୋଗ ଓ ନିରବଚ୍ଛିନ୍ନତା ଥାଏ । ମୋଟ ଉପରେ ଗାଁଟି ସବୁଦୃଷ୍ଟିରୁ ସ୍ୱାଧୀନ, ସ୍ୱୟଂଶାସିତ ଓ ସ୍ୱୟଂ ସଂପୂର୍ଣ୍ଣ ହୋଇଥାଏ । ସଉରା ଗାଁରେ ବାସ କରୁଥିବା ପରିବାରର ମୁଖ୍ୟ ସଦସ୍ୟ ମାନଙ୍କୁ ନେଇ ପାରଂପରିକ ଗ୍ରାମ ପରିଷଦ ଗଢ଼ା ହୋଇଥାଏ । ଏହାକୁ 'ବିରିନ୍ଦା - ନେତି' କୁହନ୍ତି । ଗ୍ରାମ ପରିଷଦର ନିର୍ଦ୍ଦିଷ୍ଟ ଭୂଖଣ୍ଡ ଓ ଦାୟିତ୍ୱ ରହିଥାଏ ।









ସଉରା ସମାଜର ମୁଖ୍ୟଙ୍କୁ ଗମାଙ୍ଗ ବା ନାଇକେ କୁହନ୍ତି । ପୂଜା ଆଦି କର୍ମ ସଂପାଦନ କରୁଥିବା ଧାର୍ମିକ ମୁଖ୍ୟଙ୍କୁ ବୁୟା, ଜାନି ବା କାର୍ଜୀ କୁହାଯାଏ । ଗାଁ ମୁଖିଆଙ୍କୁ କାମରେ ସାହଯ୍ୟ କରିବା ପାଇଁ ତାଙ୍କର ସହକାରୀ ଥାଆନ୍ତି । ତାଙ୍କୁ ମଣ୍ଡଳ ବା ଦଳବେହେରା କୁହନ୍ତି । ଖବର ସରବରାହ କାରୀ ବା ଡକାହକା କରି ଗ୍ରାମ ସଭାରେ ଲୋକଙ୍କୁ ଏକତ୍ରିତ କରୁଥିବା ଲୋକକୁ "ବାରିକ" କୁହାଯାଏ । ଦିଶାରୀ, ସମନ, କୁଡାନ ଓ ବେଜୁ ଆଦି ପଦପ୍ରାପ୍ତ ବ୍ୟକ୍ତି ମାନଙ୍କର ଜ୍ୟୋତିର୍ବିଦ୍ୟାରେ ପାଣ୍ଡିତ୍ୟ











ଥାଏ । ସେମାନେ ସାଧନା ବଳରେ ଭବିଷ୍ୟତରେ ଘଟିବାକୁ ଥିବା ଘଟଣା ସଂପର୍କରେ ଆଗରୁ ଜାଣିପାରନ୍ତି । ସେମାନଙ୍କର ଜ୍ଞାନ, ଅଭିଜ୍ଞତା ଓ ସେବା ମନୋଭାବ ଯୋଗୁଁ ସମାଜରେ ସେମାନଙ୍କ ପ୍ରାଧାନ୍ୟ ଥାଏ । ସେମାନଙ୍କୁ ସମସ୍ତେ ସମ୍ମାନ ଦିଅନ୍ତି । ଗମାଙ୍ଗ ଓ ବୁୟା ପଦବୀ ବଂଶାନୁକ୍ରମିକ ହୋଇଥାଏ ।


ଗ୍ରାମବିବାଦ ଓ ବିଚାରଯୋଗ୍ୟ ଘଟଣା ଗୁଡିକୁ ଗ୍ରାମ ପରିଷଦରେ ପରିବାର ସଦସ୍ୟ ଓ ଗ୍ରାମ ନେତୃବୃନ୍ଦଙ୍କ ଉପସ୍ଥିତିରେ ଗମାଙ୍ଗଙ୍କ ସଭାପତିତ୍ୱରେ ବିଚାର କରାଯାଏ । ଗ୍ରାମ ପରିଷଦରେ ବାର୍ଷିକ ପର୍ବପର୍ବାଣି ପାଳନର ଦିନ ଓ ସମୟ ଧାର୍ଯ୍ୟ କରାଯାଏ । ସମ୍ପତ୍ତି ଭାଗବଣ୍ଟା, ବିକ୍ରି ଓ ବନ୍ଧକ ଆଦିର ବିଚାର ହୁଏ । ବିବାହ, ଛାଡପତ୍ର, ଅବୈଧ ସଂପର୍କ ସ୍ଥାପନ ଓ ଅନ୍ୟାନ୍ୟ ସାମାଜିକ ପ୍ରଥା ପରଂପରାଗତ ଆନୁଷଙ୍ଗିକ ଘଟଣାବଳୀର ବିଚାର କରାଯାଏ । ସଭାରେ ଉପସ୍ଥିତ ସଦସ୍ୟଙ୍କ ମଧ୍ୟରୁ ଅଧିକାଂଶଙ୍କ ମତ ଉପରେ ନୁହେଁ, ବରଂ ସମସ୍ତଙ୍କ ସହମତିକୁ ଆଧାର କରି ସିଦ୍ଧାନ୍ତ ନିଆଯାଏ । ଦୋଷୀକୁ ଦଣ୍ଡ ଦିଆଯାଏ । ଜୋରିମାନା ଆକାରରେ ନଗଦ ଟଙ୍କା ଓ ମଦ, ଛେଳି, କୁକୁଡା ଆଦି ଦେବାକୁ ହୁଏ । ଦେବତା ଓ ଭୂତାଦି ଅପଶକ୍ତି ଉଦ୍ଦେଶ୍ୟରେ ବଳି ଦିଆଯାଏ । ଦୋଷୀ ସାବ୍ୟସ୍ତ ବ୍ୟକ୍ତି ଗୋଷ୍ଠୀସଦସ୍ୟଙ୍କୁ ଗୋଷ୍ଠୀଭୋଜିରେ ଆପ୍ୟାୟିତ କରେ ।






ନିକଟ ଅତୀତରେ ଗାଁ ମୁଖିଆମାନେ ଅଖଣ୍ଡ କ୍ଷମତା ଉପଭୋଗ କରୁଥିଲେ । ଗାଁର ଆଇନ ଶୃଙ୍ଖଳା, ଶାନ୍ତିରକ୍ଷା ଓ ସ୍ୱଚ୍ଛ ଶାସନଗତ ପରିଚାଳନାର ମୁଖ୍ୟ ହିସାବରେ ଗାଁ ମୁଖିଆଙ୍କ ଖାତିର ଓ ଆଧିପତ୍ୟ ଥିଲା । ଅନ୍ୟ ମୁଖିଆମାନେ ମଧ୍ୟ ଗାଁର ସାଂସ୍କୃତିକ, ଧାର୍ମିକ ଓ ଅର୍ଥନୈତିକ ଆଦି କାର୍ଯ୍ୟକ୍ରମରେ ନିଜର ଆଧିପତ୍ୟ ବିସ୍ତାର କରୁଥିଲେ । ଗଣତାନ୍ତ୍ରିକ ପଞ୍ଚାୟତରାଜ ଶାସନ ବ୍ୟବସ୍ଥାର ପ୍ରବର୍ତ୍ତନ ଓ ପ୍ରଚଳନ ପରେ ଆଉ ସେ ଅବସ୍ଥା ନାହିଁ । ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ହେଉଛି । ପଞ୍ଚାୟତରାଜ ଶାସନ ବ୍ୟବସ୍ଥା ପୁରୁଣା ଶାସନକୁ ବଦଳେଇ ଦେଇଛି ।











# ନାନ୍ଦନିକତା


ବହୁବର୍ଣ୍ଣା ନୃତ୍ୟ, ସ୍ୱତନ୍ତ୍ର ବାଦ୍ୟ ଓ କାନ୍ଥ ଚିତ୍ର ସଉରାମାନଙ୍କ ରୁଚିପୂର୍ଣ୍ଣ ଜୀବନବୋଧର ଚିତ୍ର ପ୍ରଦର୍ଶିତ କରେ । ଚିତ୍ରକଳାରେ ପ୍ରତିଫଳିତ ହେଉଥିବା କଳା ଓ କଳ୍ପନାତ୍ମକ ଦୃଷ୍ଟିଭଙ୍ଗୀ ଯୋଗୁଁ ସେମାନଙ୍କ ଚିତ୍ରକଳା ଦେଶ ବିଦେଶର ଚିତ୍ରଶିଳ୍ପୀ ମାନଙ୍କଦ୍ୱାରା ବେଶ୍ ଆଦୃତ ହୋଇପାରିଛି ।









ସଉରାମାନେ କଳାପ୍ରିୟ । ସେମାନଙ୍କର କଳା କୌଶଳ କେବଳ କାନ୍ଥଚିତ୍ରରେ ପ୍ରଦର୍ଶିତ ହୁଏନାହିଁ ବରଂ ବାଦ୍ୟ ଓ ନୃତ୍ୟରେ ମଧ ତା'ର ପ୍ରତିଫଳନ ଦେଖାଯାଏ । ପ୍ରତିଟି ସଉରା ଜଣେ ଜଣେ ସଫଳ ବାଦ୍ୟଶିଳ୍ପୀ । ତତ୍କାଳ ସଙ୍ଗୀତ ସଂଯୋଜନା କରି ତାକୁ ସ୍ୱରଦେବାରେ ସେମାନେ ବେଶ୍ ଅଭିଜ୍ଞ । ପୁରୁଷ ଓ ମହିଳା ଉଭୟେ ସଙ୍ଗୀତ ଓ ନୃତ୍ୟକଳାରେ ପାରଙ୍ଗମ । ସଙ୍ଗୀତ ଓ ନୃତ୍ୟ ସେମାନଙ୍କର ସହଜାତ ଗୁଣ ଓ ପ୍ରାକୃତିକ ଅଭ୍ୟାସ । ସେମାନଙ୍କ ସଙ୍ଗୀତରେ ପ୍ରେମପ୍ରବଣତା ଓ ଆନନ୍ଦ ଭାବ ରହିଥାଏ । ସଙ୍ଗୀତର ଭାବକୁ ଅନୁଭବ କଲେ ପ୍ରାଣ ଉଲ୍ଲସିତ ହୋଇଉଠେ ।












ସଉରାମାନେ ସମବେତ ନୃତ୍ୟ ପରିବେଷଣ କରନ୍ତି । ନୃତ୍ୟ ପରିବେଷଣ କଳାରେ ବାଦ୍ୟର ତାଳ ସହିତ ତାଳଦେଇ ନର୍ତ୍ତକୀମାନେ ପରସ୍ପର ଆଡକୁ ଆସନ୍ତି ଓ ଯାଆନ୍ତି । ନାଚିବା ସମୟରେ ସେମାନେ ସୁନ୍ଦର ଓ ରଙ୍ଗୀନ ପୋଷାକ ପରିଚ୍ଛଦ ପିନ୍ଧିଥାନ୍ତି । ମୁଣ୍ଡରେ କୁକୁଡା ପର ଖୋଷିଥାନ୍ତି । ହାତରେ ମୟୂର ଶିଖ ଧରିଥାନ୍ତି । ସେମାନଙ୍କର ସୁସଜ୍ଜିତ ବେଶଭୂଷା ଅତି ରୁଚିକର ହୋଇଥାଏ । ପୁରୁଷମାନେ ମୁଣ୍ଡରେ ସୂତା ବା ସିଲ୍କ ନିର୍ମିତ ରଙ୍ଗୀନ ଟୋପି ପିନ୍ଧି ଛାତି ଚାରିପଟେ ଲମ୍ବ ନାଲିକପଡା ଗୁଡେଇଥାନ୍ତି । ନୃତ୍ୟରତ ସମୟରେ ହାତରେ ବାଡି, ଛତା, ଖଣ୍ଡା ଓ ଅନ୍ୟାନ୍ୟ ସାମଗ୍ରୀ ଧରିଥାନ୍ତି । ଏହି ସମୟରେ ସେମାନେ ହୁଇସିଲ ବଜାଇବା ସହିତ କଉତୁକିଆ ଶବ୍ଦ କରି ଆନନ୍ଦରେ ଚିଲେଇ ଉଠନ୍ତି ।


ସଉରାମାନେ ବିଭିନ୍ନ ବାଦ୍ୟଯନ୍ତ୍ର ବଜାନ୍ତି । ସେସବୁ ହେଲା - ସାନ ଓ ବଡ ବିଭିନ୍ନ ଆକୃତିର ଡ୍ରମ୍, ବଂଶୀ, ନଳୀବାଦ୍ୟ, କରତାଳ ବା ଗିନି, ମିଶ୍ରଧାତୁ ନିର୍ମିତ ଘଣ୍ଟି, ତୁରୀ ଇତ୍ୟାଦି । ଏହା ବ୍ୟତୀତ ପିଉଳ ଗିନି, ନଳୀବାଦ୍ୟ, ପିଉଳ ତୂରୀ, ପିଉଳ ଘଣ୍ଟ ମଧ୍ୟ ବଜାଯାଏ । କେତେକ କୃଷିଭିତ୍ତିକ ପର୍ବପର୍ବାଣିରେ ସେମାନେ ସାଧାରଣତଃ ଉଚ୍ଚ ଶବ୍ଦ ସୃଷ୍ଟି କରି କୋଳାହଳମୟ ଧ୍ୱନି ଅଥବା ଘାତ ପ୍ରତିଘାତ ସୃଷ୍ଟି କରି ପାରୁଥିବା ବାଦ୍ୟଯନ୍ତ୍ର ବଜାନ୍ତି ।



ବିବାହ ଉତ୍ସବରେ ସାରଙ୍ଗି ଓ ବେହେଲା ଏକ ଲୋକପ୍ରିୟ ବାଦ୍ୟ । ଗୋଟିଏ ମୋଟା ବାଉଁଶ କାଣ୍ଡରେ ଦୁଇଟି ତା'ର ସଂଯୁକ୍ତ























କରାଯାଇ ସାରଙ୍ଗି ବାଦ୍ୟ ତିଆରି କରାଯାଇଥାଏ । ଏଥିରେ ପ୍ରତିଧ୍ୱନିକାରକ ନଡିଆର ଅଧା ସଢେଇଟିଏ ଯୋଡା ହୋଇଥାଏ । ସାରଙ୍ଗିରେ ଯୋଡାଯାଇଥିବା ଦୁଇଟି ତାର ଧନୁଆକୃତିର ଅନ୍ୟଏକ ତାର ସଂଯୁକ୍ତ ବାଙ୍କୁଲାରେ ଏପଟରୁ ସେପଟକୁ ଘର୍ଷଣ ଦ୍ୱାରା କର୍ଣ୍ଣରୋଚକ ଓ ଆନନ୍ଦଦାୟୀ ଶବ୍ଦ ପ୍ରତିଧ୍ୱନିତ ହୁଏ । ଗିଟାରପରି ଆଉ ଏକ ପ୍ରକାର ଦୁଇତାର ସଂଯୁକ୍ତ ବାଉଁଶ କାଣ୍ଡର ବାଦ୍ୟ ଥାଏ । ଏଥିରେ ପ୍ରତିଧ୍ୱନି ସୃଷ୍ଟିକାରୀ ଦୁଇଟି ଲାଉତୁମ୍ବା ଲାଗିଥାଏ ।




ବିବାହ ଉତ୍ସବରେ ତୃତୀୟ ଲୋକ ପ୍ରିୟ ବାଦ୍ୟ ହେଉଛି ରେଗ୍‌ରେଗ। ଏହା ଖଣ୍ଡେ ବାଉଁଶର ଗୋଟିଏ ପବରେ ତିଆରି ହୋଇଥାଏ । ଗୋଲାକାର ବାଉଁଶ ଖଣ୍ଡଟିର କିଛି ଅଂଶ ଲମ୍ବ ଭାବରେ ଚିରାଯାଇଥାଏ । ମଝି ଅଂଶକୁ ଖଣ୍ଡେ ବାଡିରେ ଆଘାତ କଲେ ତାହା ତରଙ୍ଗାୟିତ ହୁଏ । ତାହାକୁ ଘଷିବା ଫଳରେ ସେଥିରୁ ଏକ ପ୍ରକାର କର୍କଶ ଶବ୍ଦ ନିଃସୃତ ହୁଏ ।










# ପରିବର୍ତ୍ତନ



କେଉଁ ଅତୀତରୁ ଆଜିଯାଏ ସଉରାମାନେ ସେମାନଙ୍କ ପାହାଡିଆ ବସତି ଅଂଚଳରେ ଶାନ୍ତିଶୃଙ୍ଖଳାର ସହ ବସବାସ କରିଆସୁଛନ୍ତି । ଆଧୁନିକ କାଳରେ ପ୍ରାଶାସନିକ ଢାଞ୍ଚାରେ ବହୁଳ ପରିବର୍ତ୍ତନ ହୋଇଛି । ରାଜନୈତିକ ବାତାବରଣ ବଦଳିଛି । ବାହ୍ୟ ଦୁନିଆର ଚଳଣି ସହିତ ସେମାନେ ନିଜକୁ ସାମିଲ୍ କରିଛନ୍ତି । ଏହା ଦ୍ୱାରା ସେମାନଙ୍କର ଜୀବନଶୈଳୀ ବଦଳି ଯାଇଛି । ଜମିଦାରୀ ଶାସନ ଅମଳରେ ସେମାନେ ଶୋଷଣର ଶିକାର ହେଉଥିଲେ । ଏବେ ମୁକ୍ତ ଓ ସ୍ୱାଧୀନ ଜୀବନ ବିତାଉଛନ୍ତି ।













ସ୍ୱାଧୀନତା ପରବର୍ତ୍ତୀ କାଳରେ ଜନମଙ୍ଗଳ ରାଷ୍ଟ୍ରର ସରକାର ଅବହେଳିତ ଜନଜାତି ମାନଙ୍କର ସାମାଜିକ ଓ ଅର୍ଥନୈତିକ ଅବସ୍ଥାରେ ଉନ୍ନତି ଆଣିବା ଲକ୍ଷ୍ୟରେ ବହୁ ପଦକ୍ଷେପ ନେଇଛନ୍ତି । ସଉରାମାନଙ୍କୁ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି । ପ୍ରତିକାରାତ୍ମକ ଓ ଉନ୍ନୟନ ମୂଳକ ସରକାରୀ ଯୋଜନା ପ୍ରଣୟନ ଦ୍ୱାରା ସେମାନେ ବହୁଳ ଭାବରେ ଉପକୃତ ହେଉଛନ୍ତି । ବାହାର ଦୁନିଆର ସଂସ୍ପର୍ଶରେ ଆସି









ପରିବର୍ତ୍ତିତ ସାମାଜିକ ଜୀବନଧାରା ସହିତ ଓତଃପ୍ରୋତଃ ଭାବରେ ଜଡିତ ହୋଇ ଧୀରେ ଧୀରେ ବଦଳିବାରେ ଲାଗିଛନ୍ତି । ସଂପ୍ରତି ପ୍ରଗତିଶୀଳ ସଶକ୍ତ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଶକ୍ତିର ସମାହାର ଏ ଦିଗରେ ଯଥେଷ୍ଟ ସହାୟତା ପ୍ରଦାନ କରୁଛି ।

ପଞ୍ଚମ ପଞ୍ଚବାର୍ଷିକ ଯୋଜନା କାଳରେ ଆଦିବାସୀ ଉପଯୋଜନା କାର୍ଯ୍ୟକାରୀ ହେଲା । ଓଡ଼ିଶାରେ ବସବାସ କରୁଥିବା ୧୩ ପ୍ରକାରର ଆଦିମ ଜନଜାତିଙ୍କ ମଧ୍ୟରେ ସଉରା ଅନ୍ୟତମ ବୋଲି ଚିହ୍ନିତ ହେଲା । ସେମାନଙ୍କର ସର୍ବାଙ୍ଗୀନ ବିକାଶ ଲକ୍ଷ୍ୟରେ ଗଞ୍ଜାମ ଜିଲ୍ଲାର ତୁମ୍ୱା ଓ ଗଜପତି ଜିଲ୍ଲାର ଚନ୍ଦ୍ରଗିରି ଠାରେ ଦୁଇଟି ଅଣୁ ପ୍ରକଳ୍ପ କାର୍ଯ୍ୟ କରୁଛି । ସଉରା ମାନେ ବାସ କରୁଥିବା ନିର୍ଦ୍ଦିଷ୍ଟ ଭୌଗୋଳିକ ସୀମା ଭିତରେ ଥିବା ଅଂଚଳ ଏହି ଯୋଜନାର ଅନ୍ତର୍ଭୁକ୍ତ । ସଉରା ମାନଙ୍କର ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବା ଏହି ଯୋଜନାର ମୂଳ ଲକ୍ଷ୍ୟ । ଆଦିମ ସ୍ତରରୁ କ୍ରମଶଃ ଉନ୍ନୀତ ହୋଇ ପୋଡୁଚାଷ ଅଥବା ପାରଂପରିକ ପଦ୍ଧତିରେ ଚାଷ ନକରି ଆଧୁନିକ କୃଷି ପ୍ରଣାଳୀକୁ ଗ୍ରହଣ କରିବା ପାଇଁ ସରକାରୀ ଉଦ୍ୟମ ଓ ଆବଶ୍ୟକୀୟ ପ୍ରଶିକ୍ଷଣ ପ୍ରକ୍ରିୟା ଜାରି ରହିଛି ।

ଅଣୁ -ପ୍ରକଳ୍ପ, ଜିଲ୍ଲା ଗ୍ରାମ ଉନ୍ନୟନ ସଂସ୍ଥା ଓ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସଉରା ମାନଙ୍କ ଜୀବନ ଧାରଣ ମାନରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ବହୁ ଆୟ ବୃଦ୍ଧିକାରୀ ଯୋଜନା ପ୍ରଣୟନ କରୁଛନ୍ତି । ଏଥିପାଇଁ ଅତ୍ୟାବଶ୍ୟକ ମୌଳିକ ଭିତ୍ତିଭୂମିର ବିକାଶ କରାଯାଉଛି । ସେ ସବୁ ଅଂଚଳରେ ରାସ୍ତାଘାଟ ନିର୍ମାଣ, ଗମନାଗମନର ସୁବିଧା, ଶିକ୍ଷା, ସ୍ୱାସ୍ଥ୍ୟ, ଗୃହ ନିର୍ମାଣ ଓ ପାନୀୟ ଜଳର ବନ୍ଦୋବସ୍ତ ପାଇଁ ଧ୍ୟାନ ଦିଆଯାଉଛି । ସାମାଜିକ ମୁଖ୍ୟ ଜୀବନସ୍ରୋତ ସହ ଏମାନଙ୍କୁ ସାମିଲ କରିବାର ସ୍ୱପ୍ନ
















ରହିଛି । କୃଷି, ମୃତ୍ତିକା ସଂରକ୍ଷଣ, ଜଳ ସେଚନ, ଉଦ୍ୟାନ କୃଷି, ପାନୀୟ ଜଳ ଯୋଗାଣ, ଓ ଗୃହ ନିର୍ମାଣ ଆଦି ସୁଦୂର ପ୍ରସାରୀ ଯୋଜନା ଗୁଡିକୁ ଲୋକମାନେ ବିନା ପ୍ରତିବାଦରେ ଗ୍ରହଣ କରୁଛନ୍ତି । ଏସବୁ ଯୋଜନା ଫଳପ୍ରଦ ସାବ୍ୟସ୍ତ ହୋଇଛି ।

ସେମାନେ ପାରଂପରିକ କୃଷି ପଦ୍ଧତି ଓ ପୋଡୁଚାଷ ଉପରେ ଆଉ ନିର୍ଭର ନକରି ଆଧୁନିକ ବିଜ୍ଞାନ ସମ୍ମତ କୃଷି ପଦ୍ଧତିକୁ ଗ୍ରହଣ କଲେଣି । କେବଳ ଜୀବନ ଧାରଣ ପାଇଁ ନୁହେଁ ବରଂ ଏହା ଏକ ଲାଭଦାୟକ ବିକଳ୍ପ ହୋଇଛି । ସଉରାମାନେ ଆଧୁନିକ ପ୍ରଣାଳୀରେ କୃଷି କରିବା ସହିତ, ଉଦ୍ୟାନ କୃଷି ଓ କାଜୁ ଚାଷ କରି ବହୁ ଲାଭବାନ୍ ହେଉଛନ୍ତି । ପାହାଡ ଗଡାଣିରେ ଓ ପରିତ୍ୟକ୍ତ ଶୁଷ୍କ ଅଣଉତ୍ପାଦିତ ଜମିରେ କାଜୁଚାଷ କରିବା ପାଇଁ ଅଣ୍ଣୁ ପ୍ରକଳ୍ପ କାର୍ଯ୍ୟାଳୟ ଆବଶ୍ୟକ ସାହାଯ୍ୟ ସହଯୋଗ ଯୋଗାଇ ଦେଉଛି । ପାରଂପରିକ ଅଜ୍ଞତା ଓ ବିଶ୍ୱାସର ଖୋଳପା ଭିତରୁ ପଦାକୁ ବାହାରି ଆସି ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା ସମୂହ ଦ୍ୱାରା ବିଶେଷ ଲାଭବାନ୍ ହେଉଛନ୍ତି । ରାଜନୈତିକ ପରିବର୍ତ୍ତନର ପ୍ରଭାବ, ନିର୍ବାଚନ ମଇଦାନ୍‌ରେ ଯୁବନେତୃତ୍ୱକୁ ଅଗ୍ରାଧିକାର ଦିଆଯାଉଛି । ରାଜ୍ୟର ରାଜନୈତିକ ପାଣିପାଗ ଓ ଧାରା ବଦଳିଛି । ଅନୁସୂଚିତ ଜନଜାତି ମାନଙ୍କଠାରେ ନେତୃତ୍ୱ ନେବାର ମାନସିକତା ଟେଇଁ ଉଠିଲାଣି ।













# ପୃଷ୍ଠଭୂମି

ଜନପଦଠାରୁ ନିରାପଦଅପହଞ୍ଚ ଗିରି ଉପତ୍ୟକା ମଧ୍ୟରେ ନିରାନନ୍ଦ ଜୀବନ ନିର୍ବାହ କରୁଥିବା ସେଇ ଆଦି ମଣିଷ ସମାଜ ଯେଉଁମାନେ ଆଜିର ବିକାଶବ୍ୟୁହର ଜଟିଳତା ମଧ୍ୟରେ ନିଜର ଅସ୍ମିତା ଖୋଜିବାରେ ଲାଗୁଛନ୍ତି, ଏମାନେ ଆମ ପରିଭାଷାରେ ପ୍ରାଚୀନତମ ଜନଜାତି ବିଶେଷ । ଏମାନେ ଅଣ-ଚର୍ଚ୍ଚିତ, ସମ୍ବିଧାନ ସ୍ୱୀକୃତ ବାଷଠି ଜନଜାତି ତାଲିକା ଅନ୍ତର୍ଭୁକ୍ତ । ନିଜସ୍ୱ ଭୌଗୋଳିକ ପରିରେଖା ମଧ୍ୟରେ ଅଣ-ସଂକ୍ରମିତ ସାମାଜିକ-ସାଂସ୍କୃତିକ-ଅର୍ଥନୈତିକ ବ୍ୟବସ୍ଥା ଭିତରେ ପ୍ରକୃତି ସହ ସଂଘର୍ଷ କରି ନିଜର ଜୀବନ ନିର୍ବାହ କରିବାରେ ଏମାନେ ପଟୁ ।

ଏମାନଙ୍କୁ ସ୍ୱତନ୍ତ୍ର ଭାବରେ ଚିହ୍ନଟ କରି ସେମାନଙ୍କ ଉନ୍ନତି ମାର୍ଗ ପ୍ରଶସ୍ତ କରାଇବା ନେଇ ବିବିଧ ବିକାଶ ପରିଯୋଜନାଗୁଡ଼ିକୁ ସେମାନଙ୍କ ଅଞ୍ଚଳରେ ପରିଚାଳନା କରାଯାଇଛି । ବିକାଶର ସ୍ରୋତ ସହ ସାମିଲ ହେଲେ ବିବିଧ ଜଟୀଳ ଉପାଦାନ ସଂଘର୍ଷ ହେବା ସ୍ୱାଭାବିକ । ଅପ୍ରାକୃତିକ ବଜାରର ଆଖି ଝଲସା ରୂପ ସଂନ୍ଦର୍ଶନରେ ବିଭୋର ହୋଇ ବାଟହୁଡ଼ିବା ପ୍ରକ୍ରିୟାରେ ସେମାନେ ଅଭ୍ୟସ୍ତ ହୋଇ ଯାଇଛନ୍ତି । ଏଇ ପ୍ରାଚୀନତମ ଜନଜାତି ସେଇ ତଥାକଥିତ ବିକାଶବ୍ୟୁହରେ ମୋହଗ୍ରସ୍ତ । ଆଖି ଝଲସା ବିପଣୀରେ ସେମାନେ ଭାରାକ୍ରାନ୍ତ । ଏହି ଅପ୍ରାକୃତିକ ବ୍ୟବସ୍ଥାକୁ ଆପଣେଇବାରେ ସେମାନେ ଅପ୍ରାଣ ଉଦ୍ୟମ କରୁଛନ୍ତି । ଫଳତଃ ସେମାନଙ୍କର ପାରମ୍ପରିକ ସଂରଚନା ଦୋହଲିବାରେ ଲାଗିଛି । ପରମ୍ପରା ଓ ପ୍ରଗତିର ସନ୍ଧିକ୍ଷଣରୁ ସେମାନେ ବିକାଶ ପାବଚ୍ଛରେ ପାଦଥାପିଛନ୍ତି । ଆଗକୁ ଆହୁରି ସଂଘର୍ଷ କରିବାର ଅଛି । ଏହି ପ୍ରକ୍ରିୟାରେ ସେମାନଙ୍କ ପରମ୍ପରା ଓ ମୌଳିକ ସଂସ୍କୃତି ସଂକଟାପନ୍ନ ହୋଇ କ୍ରମବିଲୁପ୍ତ ପ୍ରାୟ । ହୁଏତ ଆଗାମୀ ଦିନମାନଙ୍କରେ ସେମାନଙ୍କର ସ୍ଥିତି କ'ଣ ହୋଇଥିବ ତାହା ସମୟ ହିଁ କହିବ । ଜନସାଧାରଣ ଏମାନଙ୍କ ବିଷୟରେ ଖୁବ୍ କମ୍ ପରିଚିତ । ଚିତ୍ର ପୋଥି ମାଧ୍ୟମରେ ପୂର୍ବରୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ସଂସ୍ଥାନ ଇଂରାଜୀ ଭାଷାରେ ଏକ ପରିଚୟାତ୍ମକ ପୁସ୍ତକ ପ୍ରତ୍ୟେକ ପ୍ରାଚୀନତମ ଜନଜାତିଙ୍କ ଉପରେ ପ୍ରକାଶ କରିଥିଲା । ବର୍ତ୍ତମାନ ଓଡ଼ିଆ ପାଠକଙ୍କ ରଚି ଓ ଆବଶ୍ୟକତାକୁ ନେଇ ଏହି ପୁସ୍ତିକାଗୁଡ଼ିକର ଓଡ଼ିଆ ଅନୁସୃଜନ କାର୍ଯ୍ୟ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ହାତକୁ ନେଇ ପ୍ରକାଶ କରିଛି । ସାଧାରଣ ପାଠକ, ଗବେଷକ, ଉନ୍ନୟନ ପ୍ରାଧୀକାରୀବୃନ୍ଦ ଏହାର ସଦୁପଯୋଗ କରିପାରିଲେ ପ୍ରକାଶନର ଉଦ୍ଦେଶ୍ୟ ସଫଳ ହେବ । ଏ ସମ୍ବନ୍ଧରେ କୌଣସି ସୁଚିନ୍ତିତ ମତାମତ, ଉପଦେଶ ସର୍ବାଦୌ ଗ୍ରହଣୀୟ ।

**ବିଶ୍ୱର କୁମାର ନାୟକ**
ସଦସ୍ୟ ସଚିବ







## ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଭୁବନେଶ୍ୱର, ଓଡ଼ିଶା

ସୌଜନ୍ୟ : ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ

ମୁଦ୍ରଣ : କ୍ୟାପିଟାଲ ବିଜିନେସ୍ ସର୍ଭିସ ଆଣ୍ଡ୍ କନ୍‌ସଲ୍‌ଟାନ୍ସି